ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୪ ଜାନୁୟାରୀ, ୨୦୨୧

## ପାଇପ୍ ଜବତ, ଡ୍ରାଇଭର ଗିରଫ

**ଚୌଦ୍ୱାର,୩।୧(ଡି.ଏନ୍.ଏ.) :** ବେଆଇନ ଭାବେ ଲୁହା ପାଇପ୍ ନେଇ ଯାଉଥିବା ଏକ ମିନିଟ୍ରକ୍‌କୁ ଚୌଦ୍ୱାର ପୋଲିସ ଜବତ କରିଛି। ଏହି ଘଟଣାରେ ମିନିଟ୍ରକ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲେ ଏହି ଥାନା ଅଧୀନ ଡିହସାହି ଗ୍ରାମର ସୁମନ୍ତ ନାୟକ। ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପଛପଟୁ ମିନିଟ୍ରକରେ ଉକ୍ତ ପାଇପ ନେଇ ସୁମନ୍ତ ଯାଉଥିବାବେଳେ ପୋଲିସ ଅଟକାଇଥିଲା। ଉକ୍ତ ପାଇପ ସମ୍ପର୍କରେ ପୋଲିସ ପଚାରିବାରୁ ସେ କୌଣସି ଉତ୍ତର ଦେଇପାରି ନ ଥିଲେ।



## ସଂକ୍ଷେପରେ

### ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭଙ୍କ ଜୟନ୍ତୀ

କଟକ ଅଫିସ, ୩।୧: କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ କହିଥିଲେ, କଂଗ୍ରେସ କର୍ମୀମାନେ ନିଜକୁ ଶୃଙ୍ଖଳିତ ଭାବେ ଗଢି ତୋଳିଲେ ଏକ ସୁନ୍ଦର ସମାଜ ଗଠନ କରାଯାଇପାରିବ। ତାହା ହିଁ ଜାନକୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ଏହି ସଭାରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ତୃପ୍ତି ଦାସ, କାଶୀନାଥ ମଲ୍ଲିକ, ନିକୁଞ୍ଜ ପଶାୟତ, ବିଶ୍ୱଜିତ୍ ଦାସ, ଶୈଳବାଳା ଜେନା, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ଚାରୁଲତା ସାହୁ, ଗୌରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୟନ୍ତୀ ଶକ୍ତିନଗରସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଥିଲା। ଏଥିରେ ଦଳୀୟ ନେତା ମାନସ ପରିଡ଼ା ପୌରୋହିତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିସିସି ପୂର୍ବତନ ସମ୍ପାଦକ ପ୍ରିୟଜିତ୍ ରାୟ, ଜିଲା କଂଗ୍ରେସ ଓବିସି ସେଲ୍ ଚେୟାରମ୍ୟାନ ଅଶୋକ ସ୍ୱାଇଁ, ଚୌଦ୍ୱାର-କଟକ ଯୁବ କଂଗ୍ରେସ ସଭାପତି ସୁକାନ୍ତ ସାହାଣୀ, ଜିଲା କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ନିରଞ୍ଜନ ଲେଙ୍କା ଓ ଶିଶିର ରଥ ପ୍ରମୁଖ ଉପସ୍ଥିତ ଥିଲେ।

### ସିପିଆଇର ୯୫ତମ ବାର୍ଷିକ ଉତ୍ସବ

**ସାଲେପୁର,୩।୧(ଡି.ଏନ୍.ଏ.):** ସାଲେପୁର ବ୍ଲକ ଅନ୍ତର୍ଗତ ପଦ୍ମପୁରରେ ସିପିଆଇର ୯୫ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କର୍ମୀ ସମ୍ମିଳନୀରେ ମୁତାରିଫା ପଞ୍ଚାୟତର ସମିତିସଭ୍ୟ ଉଦୟ କେଶରୀ ବର୍ମା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସମ୍ପାଦକ ଅମରେନ୍ଦୁ ମହାନ୍ତି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥିଭାବେ ବାମପନ୍ଥୀ ନେତା ତ୍ରୈଲୋକ୍ୟ ନାଥ, ରାଜକିଶୋର ମଲ୍ଲିକ, ଶ୍ରମିକ ନେତା ବିନୋଦ ବେହେରା, ସାଲେପୁର ବ୍ଲକ ପୂର୍ବତନ ଅଧକ୍ଷ ରବୀନ୍ଦ୍ର ନାଥ କର, ଆୟୁବ ଅହମ୍ମଦ ମୁସ୍‌ଲିମ୍ ଖାଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

### ଏକାଠି ହୋଇ ଖୁସି ବାଣ୍ଟିଲେ

**କଣ୍ଟାପଡା,୩।୧(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣସାଇଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୯ ବ୍ୟାଚ୍ ଛାତ୍ରୀଛାତ୍ରମାନେ ସ୍ଥାନୀୟ ଏଗାରେଶ୍ୱର ମହାଦେବଙ୍କ ପୀଠରେ ରବିବାର ଏକ ପାରିବାରିକ ବନ୍ଧୁମିଳନରେ ଏକାଠି ହୋଇ ପରସ୍ପର ମଧ୍ୟରେ ଖୁସି ବାଣ୍ଟିଥିଲେ। ଦୀର୍ଘ ୩୧ ବର୍ଷ ପରେ ଏହି ବ୍ୟାଚ୍‌ର ଛାତ୍ରୀଛାତ୍ରମାନେ ସେମାନଙ୍କ ପରିବାର ସହ ଏକାଠି ହୋଇଥିବାରୁ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ରୋଜାଲିନ ବେହେରା, ରୋଜାଲିନ ମହାନ୍ତି, ହେମନ୍ତ ପରିଡା, ବୈଦ୍ୟନାଥ ବେହେରା, ଅଶ୍ୱିନୀ ମହାନ୍ତି, ବିଶ୍ୱଭୂଷଣ ମହାପାତ୍ର, ପ୍ରଭାତ କୁମାର ଆଚାର୍ଯ୍ୟ, ତୋଫାନ କିଶୋର ସାହୁ ପ୍ରମୁଖ ଯୋଗଦେଇ ସ୍କୁଲ ଜୀବନର ଅନୁଭୂତି ବଖାଣିଥିଲେ।

### ରାମମନ୍ଦିର ନିର୍ମାଣ ପାଇଁ ନିଧି ସଂଗ୍ରହ

**ଭୁବନେଶ୍ୱର,୩।୧(ବ୍ୟୁରୋ):** ରାମ ମନ୍ଦିର ନିର୍ମାଣ ନିମନ୍ତେ ହୋଇଥିବା ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ରବିବାର ଜାଗମରାସ୍ଥିତ ଜଗନ୍ନାଥ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ହିନ୍ଦୁ ଜାଗରଣ ମଞ୍ଚର ଡୁମୁଡୁମା ନଗର ସଂଯୋଜକ ସୋମେଶ ପ୍ରଧାନ ଯୋଗଦେଇଥିଲେ। ଆଗାମୀ ୧୫ରୁ ୩୦ତାରିଖ ପର୍ଯ୍ୟନ୍ତ କିପରି ନିଧି ସଂଗ୍ରହ ହେବ ସେନେଇ ଯୋଜନା ପ୍ରସ୍ତୁତ ହୋଇଥିଲା।ଏଥିରେ ଡୁମୁଡୁମା, ସିଜୁଆ, ଜଗମୋହନ ନଗର, ତାଳବଣିଆ ବସ୍ତିର କାର୍ଯ୍ୟକର୍ତ୍ତାମାନେ ସାମିଲ ଥିଲେ। ଶିକ୍ଷା ବିକାଶ ସମିତିର ରବୀନ୍ଦ୍ର ନାଥ ସେଠୀ, ସୀତାଂଶୁ ଶେଖର ସଚ୍ଚିଦାନନ୍ଦ, ପ୍ରକାଶ ପାତ୍ର, ତ୍ରିଲୋଚନ ପ୍ରଧାନ, ଆଶିଷ ମାଲୁ ପ୍ରମୁଖ ଉପସ୍ଥିତ ଥିଲେ।

# ୧୨ ପ୍ରଜାତିର ୩୦୨୧ ପକ୍ଷୀ ଚିହ୍ନଟ

**ଖୁଣ୍ଟୁଣୀ ବନାଞ୍ଚଳରେ ପକ୍ଷୀଗଣନା**

■ ୧୫ ୟୁନିଟ୍‌ରେ ୩୦ କର୍ମଚାରୀ ନିୟୋଜିତ



**ଖୁଣ୍ଟୁଣୀ,୩।୧(ଡି.ଏନ.ଏ.)**

ଖୁଣ୍ଟୁଣୀ ବନାଞ୍ଚଳରେ ରବିବାର ପକ୍ଷୀ ଗଣନା କରାଯାଇଥିଲା। ଏଥିରେ ମୋଟ୍ ୧୨ ପ୍ରଜାତିର ୩୦୨୧ ପକ୍ଷୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୨୮୮ ପକ୍ଷୀ ଇଣ୍ଡିଆନ ସ୍କିମର ବା ପାଣିଚିରି ବୋଲି ବନାଞ୍ଚଳ ଅଧିକାରୀ ମାଗୁଣି ଚରଣ ବେହେରା କହିଛନ୍ତି। ଏହି ପକ୍ଷୀ ଗଣନା କାର୍ଯ୍ୟ ପାଇଁ ୧୫ଟି ୟୁନିଟ୍ (ଯଥା- ଖୁଣ୍ଟୁଣୀର ପଟିଆ, ଡାଲୁଆ ଜଳାଶୟ, ବାଜିଆନାଳି, ଗୋବରା ପୋଖରୀ, ଗୁରୁଡ଼ିଝଟିଆ ପୋଖରୀ, କୁମାରିବନ୍ଧ, ଜାମୁଝର ଜଳାଶୟ, କଂସର ପୋଖରୀ, ଧବଳେଶ୍ୱର-ନୂଆପଟଣା ଘାଟ, ନାକଶୁଣି ପାଟ, ପାଇକେରାପୁର ପାଟ, କୁମାରପୁର ପୋଖରୀ, ରାମଶ୍ୟାମପୁର ପାଟ, କଖଡି-ମହାନଦୀ ରିଜର୍ଭ ବ୍ୟାଙ୍କ ଓ ଭଗୁଆ ଜଳାଶୟ)ରେ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ଏଥିରେ ୪ ଜଣ ଫରେଷ୍ଟର, ୧୧ ଫରେଷ୍ଟ ଗାର୍ଡ ଓ ୧୫ ପାରା କର୍ମଚାରୀ ସାମିଲ ହୋଇଥିଲେ। ସକାଳ ୭ଟାରୁ ଏହି ଗଣନା ଆରମ୍ଭ ହୋଇ ଅପରାହ୍ନରେ ଶେଷ ହୋଇଥିଲା। ପକ୍ଷୀମାନଙ୍କ ମଧ୍ୟରେ ହଂସରାଳି, ଧଳା ଛାତିଡାହୁକ, କାଣ୍ଟିବଗ, ମାଛରଙ୍କା, ଡାହୁକ, ଟେଣ୍ଟେଇ, ଗେଣ୍ଡାଳିଆ, ଗାଇଆ ବଗ, ପାଣିକୁଆ, ଚକୁଆ ଚକୋଇ, ବଡ ବଗ ଆଦି ଚିହ୍ନଟ ହୋଇଛନ୍ତି। ଏହି ସମସ୍ତ କାର୍ଯ୍ୟକୁ ଡିଏଫଓ ସସ୍ମିତା ଲେଙ୍କା ଓ ପକ୍ଷୀ ବିଶାରଦ ସଞ୍ଜୀବ ଦାସ ତଦାରଖ କରିଥିଲେ।

## ବିର୍ଜୁ କୁଲୁଙ୍କ ପତ୍ତା ମିଳୁନି

**ସୁନ୍ଦରଗଡ଼, ୩।୧ (ଡି.ଏନ୍.ଏ.)**



ବିର୍ଜୁ କୁଲୁ

୨୦ ବର୍ଷ ପାକିସ୍ତାନ ଜେଲ୍‌ରେ ସଜା କାଟିବା ପରେ ଗତ ନଭେମ୍ବରରେ ଜନ୍ମମାଟିକୁ ଫେରିଥିବା ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ବିରଙ୍ଗାଟୋଲିର ବିର୍ଜୁ କୁଲୁ (୫୫) ଶନିବାର ରାତିରେ ନିଖୋଜ ହୋଇଯାଇଛନ୍ତି। ଏ ନେଇ ତାଙ୍କ ଭଉଣୀ ଟେଡ୍ରାସ କୁଲୁ ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି। ପୋଲିସ ଏକ ମାମଲା ରୁଜୁ କରି ଗ୍ରାମବାସୀଙ୍କ ସହଯୋଗରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଆରମ୍ଭ କରିଥିଲେ ସୁଦ୍ଧା କୌଣସି ସୂଚନା ପାଇନାହିଁ। ପ୍ରକାଶ ଯେ, ବିର୍ଜୁଙ୍କୁ ଯେତେବେଳେ ୨୫ ବର୍ଷ ହୋଇଥିଲା, ସେ ଘରୁ ଚାଲିଯାଇ ରାଞ୍ଚିରେ ଏକ ହୋଟେଲରେ କାମ କରୁଥିଲେ। ସେଠାରେ ତାଙ୍କର ମାନସିକ ସ୍ଥିତି ବିଗିଡ଼ିଯିବାରୁ ସେ କୌଣସି ଠିକଣା ନ ପାଇ ପାକିସ୍ତାନ ଚାଲିଯାଇଥିଲେ। ସେଠାକାର ପୋଲିସ ତାଙ୍କୁ ଗିରଫ କରି ଜେଲ ପଠାଇଦେଇଥିଲା। ଜେଲ ଦଣ୍ଡ ସାରିବା ପରେ ତାଙ୍କୁ ଭାରତ ଫେରାଇବାକୁ ଦିଲ୍ଲୀ କମିଶନରଙ୍କ ସହ ଯୋଗାଯୋଗ କରାଯାଇଥିଲା। ପରେ ସୁନ୍ଦରଗଡ଼ ଜିଲାପାଳଙ୍କ ସହ ଯୋଗାଯୋଗ କରି ତାଙ୍କ ପ୍ରକୃତ ଠିକଣା ଠାବ କରାଯାଇଥିଲା। ଶେଷରେ ପ୍ରଶାସନର ସହାୟତାରେ ନଭେମ୍ବରରେ ବିର୍ଜୁ ନିଜ ଗ୍ରାମକୁ ଫେରି ତାଙ୍କ ଭଉଣୀ ଘରେ ରହୁଥିଲେ।

## ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଚିନ୍ତାଜନକ: ପ୍ରତାପ

**ଖୋର୍ଦ୍ଧା ଅଫିସ, ୩।୧**

**ଭାଜପା କର୍ମୀଙ୍କୁ ହତ୍ୟା ପ୍ରସଙ୍ଗ**

ମାହାଙ୍ଗାରେ ଭାଜପା କର୍ମୀଙ୍କ ହତ୍ୟା ଘଟଣାକୁ ନେଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଚିନ୍ତାଜନକ। ଗଣତନ୍ତ୍ରର ସୁରକ୍ଷା ଦୃଷ୍ଟିରୁ ସମସ୍ତଙ୍କୁ ଏକଜୁଟ ହେବାକୁ ପଡ଼ିବ। ରବିବାର ଖୋର୍ଦ୍ଧା ନୂଆବସ୍ ଷ୍ଟାଣ୍ଡଠାରେ ଏକ ଘରୋଇ କ୍ଲିନିକ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଏହା କହିଛନ୍ତି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଲେ, ଏହା ଏକ ରାଜନୈତିକ ହତ୍ୟାକାଣ୍ଡ। ପଶ୍ଚିମବଙ୍ଗ ପରେ ଓଡ଼ିଶାରେ ରାଜନୈତିକ ହିଂସା ବଢିବାରେ ଲାଗିଛି। ପଞ୍ଚାୟତ ନିର୍ବାଚନ ସମୟରେ ୧୫ଜଣ ଭାଜପା କର୍ମୀଙ୍କୁ ହତ୍ୟା କରାଯାଇଛି। ସୋମବାର ଏହି ଘଟଣାର ସବିଶେଷ ତଥ୍ୟ ସହିତ ଉପସ୍ଥାପନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱକୁ ଦେଖି ଓଡ଼ିଶା ସରକାର ଭୟଭୀତ ହୋଇପଡ଼ିଛନ୍ତି ବୋଲି ସେ କହିଛନ୍ତି।

## କଟକ ବରିଷ୍ଠ ନାଗରିକ ମହାସଭାର ସାଧାରଣ ସଭା

**କଟକ ଅଫିସ, ୩।୧**

କଟକ ବରିଷ୍ଠ ନାଗରିକ ମହାସଭା ପକ୍ଷରୁ ଏକ ସାଧାରଣ ସଭା ବାଲିଯାତ୍ରା ଉପର ପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଭାର ସଦସ୍ୟମାନେ ସକାଳେ ବକ୍ସିବଜାରସ୍ଥିତ ଗୋପବନ୍ଧୁବାଗରେ ଉତ୍କଳମଣି ଗୋପବନ୍ଧୁ ଦାସ ଓ କ୍ୟାଣ୍ଟନମେଣ୍ଟ ଛକସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ମହାସଭା ସଭାପତି ପ୍ରଫେସର କୃପାସିନ୍ଧୁ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଗୁରୁଜନ ପତ୍ରିକାର ଜାନୁୟାରୀ ସଂଖ୍ୟା ଲୋକାର୍ପିତ ହୋଇଥିଲା। ଉକ୍ତ ସଭାରେ ସ୍ତମ୍ଭକାର ଅରୁଣ ପଣ୍ଡା, ନମିତା ପଣ୍ଡା, ସୁଦୀପ୍ତା ଦାଶ, ଡ. ପ୍ରମୋଦ ମହାପାତ୍ର, ରବୀନ୍ଦ୍ରନାଥ ମହାନ୍ତି ଯୋଗଦେଇଥିଲେ। ଏନ୍. ନୀଳାଦ୍ରି ରାଓ, ଅକ୍ଷୟ ନାୟକ, ବାବୁଲିଧର ନାୟକ ଓ ବିଷ୍ଣୁମୋହନ ଦାସସାମନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ବିଶ୍ୱନାଥଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

**କଟକ ଅଫିସ/ତିଗିରିଆ, (ଡି.ଏନ୍.ଏ.) ୩।୧**



କଟକ ଖାନ୍‌ନଗର ପାର୍କରେ ଥିବା ବିଶ୍ୱନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

ସ୍ୱାଧୀନତା ସଂଗ୍ରାମୀ, ଶ୍ରମିକ ନେତା ତଥା ପୂର୍ବତନ ବିଧାୟକ ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ଚାନ୍ଦିନୀଚୌକ ବ୍ରାହ୍ମଣସାହିସ୍ଥିତ ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ କାର୍ଯ୍ୟାଳୟରେ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ କଟକ ବଡ଼ମେଡ଼ିକାଲ ପରିସର, ମେହେନ୍ତର ସଂଘ ପରିସର, ଖାନ୍‌ନଗର ପାର୍କ ଓ ବିଶ୍ୱନାଥ ପଣ୍ଡିତ ପାଠାଗାରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ରବି ରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂହ, ଅନିତା ବେହେରା, ମଧୁସୂଦନ ସାହୁ, ଧର୍ମେଶ ନାୟକ, ରଞ୍ଜନ ବିଶ୍ୱାଳ, ବିଜୟ ଦଳେଇ, ବିକାଶ ବେହେରା, ସ୍ମୃତି ପରିଷଦ ସଭାପତି ବୀରେନ୍ଦ୍ର ପ୍ରତାପ ସ୍ୱାଇଁ, ବୈଷ୍ଣବ ଦାସ, ଆଶିଷ ସାହୁ ପ୍ରମୁଖ ବିଶ୍ୱନାଥଙ୍କ ସ୍ମୃତିଚାରଣ କରିଥିଲେ। ଶିଭମ୍ ପଣ୍ଡିତ ଧନ୍ୟବାଦ ଦେଇଥିଲେ।

ହିନ୍ଦ୍ ମଜଦୁର ସଭା ତିଗିରିଆ ଶାଖା ପକ୍ଷରୁ ପାଞ୍ଚଗାଁସ୍ଥିତ ଶ୍ରମିକ ସଦନରେ ଶ୍ରମିକ ନେତା ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ହିନ୍ଦ୍ ମଜଦୁର ସଭାର କଟକ ଜିଲା କମିଟି ସଭ୍ୟ ସନ୍ତୋଷ କୁମାର ସାମଲଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତିଗିରିଆ ଶାଖା ସଭାପତି ବିଶ୍ୱନାଥ ଜେନା ସଭାପତିତ୍ୱ କରି ବିଶ୍ୱନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ତିଗିରିଆ ଶାଖା ସମ୍ପାଦକ ସଞ୍ଜୟ ସାମଲ, ସଞ୍ଜୟ ମଲ୍ଲିକ, ଅଭୟ ମଲ୍ଲିକ, ମିଲୁ ପ୍ରଧାନ, ବିଶ୍ୱନାଥ ନାୟକ ଓ ମହେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ମହିଳାଙ୍କୁ ଅସଦାଚରଣ କରି ଯୁବକ ଗିରଫ

**ଭୁବନେଶ୍ୱର,୩।୧(ବ୍ୟୁରୋ):** ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଏୟାରଫିଲ୍ଡ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଭୀମଟାଙ୍ଗୀ ଅଞ୍ଚଳର ରାଜୀବ ଦତ୍ତ। ଅଭିଯୋଗ ଅନୁଯାୟୀ, ଶନିବାର ମହିଳା ଜଣକ ଦୋକାନରେ ଏକୁଟିଆ ଥିବାବେଳେ ରାଜୀବ ନିଶାସକ୍ତ ଅବସ୍ଥାରେ ସେଠାକୁ ଯାଇ ତାଙ୍କୁ ଗାଳିଗୁଲଜ କରିବା ସହ ଅସଦାଚରଣ କରିଥିଲେ। ଏନେଇ ମହିଳା ଜଣକ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩/୨୧) ରୁଜୁ କରି ତଦନ୍ତ ଚଳାଇଥିଲା।



ଚାକିରିଜନିତ ସମସ୍ୟା ନେଇ ଏସ୍‌ସିବି ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲ ପୁରୁଣା ଆଉଟ୍‌ଡୋର୍ ସମ୍ମୁଖରେ ରବିବାର ଦ୍ୱିତୀୟ ଦିନରେ ନର୍ସମାନେ ଧାରଣାରେ ବସିଛନ୍ତି।

## ଭାଜପା କୃଷକ ମୋର୍ଚ୍ଚାର ଧାନମଣ୍ଡି ପରିଦର୍ଶନ

**କଟକ ସଦର, ୩।୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ କନ୍ଦରପୁରସ୍ଥିତ ଧାନମଣ୍ଡିକୁ ଭାଜପା ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚାର ଉପସଭାପତି ମହେଶ୍ୱର ସାହୁ ପରିଦର୍ଶନ କରିଥିଲେ। ଶନିବାର ଧାନ ସଂଗ୍ରହ ପାଳି ହୋଇଥିବାରୁ ଉପସ୍ଥିତ ଚାଷୀମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ସାହୁଙ୍କୁ ଅବଗତ କରିଥିଲେ। ଗୋଟିଏ ପାଳିରେ ୧୨୭ ଜଣ ଚାଷୀଙ୍କଠାରୁ ୨୫୦୦ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ରାଜ୍ୟ ଯୋଗାଣ ବିଭାଗ ଲକ୍ଷ୍ୟଧାର୍ଯ୍ୟ କରିଥିଲା। ମାତ୍ର ଏଠାରେ ୩୧ ଜଣଙ୍କଠାରୁ ୮୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ଏଥିପାଇଁ ସାହୁ ବିଭାଗୀୟ କର୍ମକର୍ତ୍ତାଙ୍କୁ ଜଣାଇବେ ବୋଲି କହିଥିଲେ। ଏହି ଗସ୍ତବେଳେ ହୃଷୀକେଶ ଜେନା, ସତ୍ୟ ଜେନା, ଗୋକୁଳ ପ୍ରଧାନ, ପୀୟୂଷ ରଞ୍ଜନ ପରିଡା, ଯୋଗେନ୍ଦ୍ର ଭୋଇ, ନିର୍ମଳ ଦାସ, କ୍ଷୀରୋଦ ଚନ୍ଦ୍ର ଦଳାଇ ଓ ଅଭୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ କନ୍ଦରପୁର ସେବା ସମବାୟ ସମିତିର ପ୍ରଥମପାଳି ଧାନମଣ୍ଡିକୁ ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ଅନସୂୟା ମଲ୍ଲ ଓ ସମ୍ପାଦକ ଧୀରେନ୍ ଦାସ ଉଦ୍‌ଘାଟନ କରିଥିଲେ।

## ମହିଳା ଅଧିକାର ଓ ପ୍ରାଣୀ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର

**କଟକ ଅଫିସ, ୩।୧**

ଭାରତୀୟ ମହିଳା ଅଧିକାର ଓ ପ୍ରାଣୀ ସୁରକ୍ଷା ସଙ୍ଗଠନ ପକ୍ଷରୁ ଏକ ଆଲୋଚନାଚକ୍ର ରବିବାର ଓଏମ୍‌ପିସ୍ଥିତ ପିଡବ୍ଲ୍ୟୁଡି ଗେଷ୍ଟ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳାମାନଙ୍କ ଅଧିକାର ଓ ପ୍ରାଣୀ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ନାରୀ ସଚେତନତା ପାଇଁ ତାଲିମ ଶିବିର ଆୟୋଜନ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ବାଘ, ହାତୀ, ସରୀସୃପମାନଙ୍କୁ ନ ମାରିବା, ରାସ୍ତାରେ ବୁଲୁଥିବା ଜୀବଜନ୍ତୁ ଓ ପ୍ରାଣୀମାନଙ୍କ ସୁରକ୍ଷା ପାଇଁ ବ୍ୟାପକ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ସଙ୍ଗଠନର ସଭାନେତ୍ରୀ ଦେବୀଦତ୍ତା ସାମନ୍ତରାୟ ଅଧ୍ୟକ୍ଷତା କରିଥିବାବେଳେ ସୁଧାଂଶୁ ମହାନ୍ତି, କମର ଅଲ୍ଲୀ, ବିଶ୍ୱଜିତ୍ ଦାସ, ନିକୁଞ୍ଜ ପଶାୟତ, ଶ୍ରଦ୍ଧାଞ୍ଜଳି ରାୟ, ବିଶ୍ୱକଲ୍ୟାଣୀ କର, ଦିନେଶ ବିଶୋୟୀ, ମୋନାଲିସା ତ୍ରିପାଠୀ, ମଧୁମିତା ରାୟଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଟାପଡା ଟ୍ରକ୍ ମାଲିକ ସଂଘ ଗଠିତ

**କଣ୍ଟାପଡା, ୩।୧ (ଡି.ଏନ୍.ଏ.):** କଣ୍ଟାପଡା ଟ୍ରକ ମାଲିକ ସଂଘ ରବିବାର ଗଠନ କରାଯାଇଛି। ସ୍ଥାନୀୟ ଏଗାରେଶ୍ୱର ମହାଦେବଙ୍କ ପୀଠରେ ଆୟୋଜିତ ବୈଠକରେ ସଭାପତି ଭାବେ ବିଶ୍ୱରଞ୍ଜନ ସିଂହ, ପ୍ରତାପ କୁମାର ସ୍ୱାଇଁ ସମ୍ପାଦକ ଓ ଶରତ ବେହେରା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଏହି ସଭାରେ ସନ୍ତୋଷ ସାହୁ, ଉପେନ୍ଦ୍ର ଜେନା ଓ ପ୍ରତାପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥଲେ।

## କ୍ରିକେଟ ଏକାଡେମୀ ଉଦ୍‌ଘାଟିତ

**କଟକ ଅଫିସ, ୩।୧**

ୟୁନିୟନ କ୍ଲବର କ୍ରିକେଟ ଏକାଡେମୀ ରବିବାର କ୍ଲବ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓସିଏ ସିଇଓ ସୁବ୍ରତ ବେହେରା ଯୋଗଦେଇ କହିଥିଲେ, ଏହି ଏକାଡେମୀ ଯୁବ ଖେଳାଳିଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଓ ଆଗକୁ ବଢିବାର ସୁଯୋଗ ଦେବ। ଏଥିସହ ଅନ୍ୟ ଖେଳ ମଧ୍ୟ ଏଠାରେ ଖେଳିବାର ବ୍ୟବସ୍ଥା କରାଯିବ। ଏହି ଏକାଡେମୀ ମାଧ୍ୟମରେ କଟକ ଜିଲା ଏବଂ ରାଜ୍ୟ ପାଇଁ ଭଲ ଖେଳାଳି ବାହାରିପାରିବେ ବୋଲି ବେହେରା କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଏ ସେକ୍ରେଟାରି ଅଭିଜିତ୍ ପଲ୍, ୟୁନିୟନ କ୍ଲବ ସେକ୍ରେଟାରି ରଶ୍ମିରଞ୍ଜନ ସ୍ୱାଇଁ, ଉପସଭାପତି ଦେବେନ୍ଦ୍ର ସାହୁ, ପୂର୍ବତନ ସମ୍ପାଦକ ବିଜୟ ସାହୁ, କ୍ଲବ କ୍ରିକେଟ ଏକାଡେମୀର କୋଚ୍ ପ୍ରଶାନ୍ତ ମହାନ୍ତି ଉପସ୍ଥିତ ଥିଲେ।




ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ରବିବାର ସଙ୍ଗୀତଭିତ୍ତିକ କ୍ଷୁଦ୍ର ଚଳଚ୍ଚିତ୍ର 'ଜାନିୟା'ର ଶୁଭ ମହୁରତ ଅବସରରେ ଉପସ୍ଥିତ କଳାକାର ଓ ଅନ୍ୟମାନେ।



କଟକ ଦେୱାନ ବଜାରସ୍ଥିତ ବାଲାଜୀ ମନ୍ଦିର ପ୍ରାଙ୍ଗଣରୁ ଶ୍ରୀ ଶ୍ରୀ ବାଲାଜୀ ଠାକୁର ଶୋଭାଯାତ୍ରାରେ ନଗର ପରିକ୍ରମା ପାଇଁ ବାହାରିଛନ୍ତି।

## ସଂକ୍ଷେପରେ

### ଖୋଲିଲାନି ଉମାମହେଶ୍ୱର ମନ୍ଦିର, ଭକ୍ତ ନିରାଶ

ବାଲୁଗାଁ,୩।୧(ଡି.ଏନ୍.ଏ.): ଦୀର୍ଘ ୯ମାସ ଧରି ଶ୍ରଦ୍ଧାଳୁ ଠାକୁର ଦର୍ଶନରୁ ବଞ୍ଚିତ ଥିବା ବେଳେ ରବିବାର ସମସ୍ତ ଧର୍ମାନୁଷ୍ଠାନ ଖୋଲାଯିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଶ୍ରଦ୍ଧାଳୁ ଉତ୍ସୁକତାର ସହ ରବିବାର ସକାଳୁ ବାଲୁଗାଁସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଉମାମହେଶ୍ୱର ଦେବଙ୍କ ମନ୍ଦିର ସମ୍ମୁଖରେ ଭିଡ଼ ଜମାଇଥିଲେ। ହେଲେ ଦୀର୍ଘ ସମୟ ଧରି ମନ୍ଦିର ମୁଖ୍ୟ ଫାଟକ ଖୋଲାଯାଇ ନ ଥିଲା। ଫଳରେ ଶ୍ରଦ୍ଧାଳୁଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ଠାକୁରଙ୍କୁ ଦର୍ଶନ କରି ନ ପାରି ନିରାଶ ମନରେ ଶ୍ରଦ୍ଧାଳୁ ଫେରିଥିଲେ। ଏ ସଂକ୍ରାନ୍ତରେ ମନ୍ଦିର ଟ୍ରଷ୍ଟିଙ୍କୁ ପଚାରିବାରେ ମନ୍ଦିର ଖୋଲାଯିବା ନେଇ କୌଣସି ଲିଖିତ ଅନୁମତି ମିଳି ନାହିଁ। ସୋମବାର ଦେବୋତ୍ତର କମିଶନରଙ୍କୁ ଯୋଗାଯୋଗ କରିବା ପରେ ତାଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରାଯିବ ବୋଲି ସେ କହିଥିଲେ।

### ଦାରୁଦିଅଁଙ୍କୁ ଦର୍ଶନ କଲେ ଗଣଶିକ୍ଷା ମନ୍ତ୍ରୀ, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା

ପୁରୀ ଅଫିସ, ୩।୧: ଶ୍ରୀମନ୍ଦିରରେ ରବିବାରଠାରୁ ସାର୍ବଜନୀନ ଦର୍ଶନ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଦାରୁଦିଅଁଙ୍କୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଦର୍ଶନ କରିଛନ୍ତି। ମନ୍ତ୍ରୀ ଦାଶ କୋଭିଡ୍ ନେଗେଟିଭ୍ ରିପୋର୍ଟ ଦେଖାଇ ମନ୍ଦିର ଭିତରକୁ ଯାଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଓଡ଼ିଶାବାସୀଙ୍କ ମଙ୍ଗଳ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିବା ସେ କହିଛନ୍ତି। ମନ୍ତ୍ରୀ ଦାଶ କିଓସ୍କୋ ବ୍ୟବସ୍ଥାର ସମୀକ୍ଷା କରିଥିବାବେଳେ ପ୍ରଶାସନର ପ୍ରସ୍ତୁତି ନେଇ ସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା. ସମ୍ବିତ ପାତ୍ର ମଧ କୋଭିଡ୍ ନେଗେଟିଭ୍ ରିପୋର୍ଟ ଦେଖାଇ ଦାରୁଦିଅଁଙ୍କ ଦର୍ଶନ କରିଥିଲେ। ସେ କହିଛନ୍ତି, ବିଶ୍ୱ ବିଧାତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଯେ ଅନନ୍ୟ ଏଥିରେ ସନ୍ଦେହ ନାହିଁ। ମହାପ୍ରଭୁ ସାରା ବିଶ୍ୱର କଲ୍ୟାଣ କରନ୍ତୁ ଓ ମାର୍ଗଦର୍ଶକ ଭାବେ ବିଶ୍ୱବାସୀଙ୍କୁ ରକ୍ଷା କରନ୍ତୁ, ଏହା ହିଁ ତାଙ୍କ ନିକଟରେ କାମନା କରିଛି।

### ବିଏମ୍‌ସି ସଫେଇ କର୍ମୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୩।୧: କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇ ସାମାଜିକ ଅନୁଷ୍ଠାନ ୟୁଏସ୍‌ଆଇ ଫାଉଣ୍ଡେସନ ପକ୍ଷରୁ ବିଏମ୍‌ସି ସଫେଇ କର୍ମୀଙ୍କୁ ରବିବାର ପୂର୍ବାହ୍ନରେ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ସତସଙ୍ଗ ବିହାରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଅଧକ୍ଷ ବନୋଜ ତ୍ରିପାଠୀ, କନଭେନର ପ୍ରତିକ୍ଷା ମିଶ୍ର, ସାହିତ୍ୟିକ ଅଜୟ ମହାପାତ୍ର, ଅରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମାନପତ୍ର, ପୁଷ୍ପଗୁଚ୍ଛ ପ୍ରଦାନ ସହ ମହିଳାଙ୍କୁ ଶାଢୀ, ପୁରୁଷଙ୍କୁ ଟି-ସାର୍ଟ, ଫଳ ଏବଂ ଟିଫିନ ବଣ୍ଟନ କରାଯାଇଥିଲା। କରୋନା ସମୟରେ ସଫେଇ କର୍ମୀଙ୍କ ଯୋଗଦାନକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଏମ୍‌ସିର ସ୍ଥାନୀୟ କର୍ମକର୍ତ୍ତା ସମସ୍ତ ସହଯୋଗ ଯୋଗାଇ ଦେଇଥିଲେ।

### ଶତାୟୁ ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ



ଖୁଣ୍ଟୁଣୀ, ୩।୧ (ଡି.ଏନ୍.ଏ.): ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ସାହୁଙ୍କର ରବିବାର ପରଲୋକ ହୋଇଛି। ତାଙ୍କୁ ୧୧୧ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥାଇ କଟକ ଜିଲା ଖୁଣ୍ଟୁଣୀ ଥାନା ଅଧୀନ ରାଧାଦାମୋଦରପୁରସ୍ଥିତ ବାସଭବନରେ ଚିକିତ୍ସିତ ହେଉଥିଲେ। ପରଲୋକ ଖବର ପାଇବା ପରେ ଆଠଗଡ ଅଞ୍ଚଳର ସାମାଜିକ କର୍ମୀ ଭାଗୀରଥି କର, ରାଧାକିଶୋରପୁର ସରପଞ୍ଚ ଭୁବନେଶ୍ୱର ସ୍ୱାଇଁଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ପିତବାସ ସାହୁ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଭାଗୀରଥି ଆଠଗଡ଼ ପ୍ରଜାମଣ୍ଡଳ ଆନ୍ଦୋଳନରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ସେହିପରି ଲବଣ ସତ୍ୟାଗ୍ରହରେ ସାମିଲ ହୋଇ ଇଂରେଜମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ସ୍ୱାଧୀନତା ସଂଗ୍ରାମୀ ଭତ୍ତାକୁ ସେ ଗ୍ରହଣ କରି ନ ଥିଲେ।



ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ପ୍ରଭୁଙ୍କ ଦର୍ଶନ ପାଇଁ ଅପେକ୍ଷାରେ ଥିବା ଉତ୍କଣ୍ଠିତ ଭକ୍ତ ।



ଦର୍ଶନ ସାରି ଭକ୍ତମାନେ ଫେରୁଛନ୍ତି ।

# ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ ରାଜଧାନୀବାସୀ

**୨୪୬ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଜଣେ ପଜିଟିଭ ଚିହ୍ନଟ**



ପୁରୁଣା ଭୁବନେଶ୍ୱର,୩।୧(ଡି.ଏନ୍.ଏ.):

ଦୀର୍ଘ ୯ ମାସର ଅପେକ୍ଷା ପରେ ରାଜଧାନୀ ଭୁବନେଶ୍ୱରରେ ରବିବାର ଅଧିକାଂଶ ମନ୍ଦିର ଓ ଧାର୍ମିକ ଅନୁଷ୍ଠାନ ଖୋଲିଛି। ଐତିହ୍ୟ ଶ୍ରୀଲିଙ୍ଗରାଜ ମନ୍ଦିର ମଧ ଖୋଲାଯାଇଥିବାବେଳେ କେବଳ ରାଜଧାନୀବାସୀଙ୍କ ପାଇଁ ଦୁଇଦିନ ଲାଗି ପ୍ରବେଶ ଅନୁମତି ଦିଆଯାଇଛି। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସମୟ ନିର୍ଘଣ୍ଟ କରାଯାଇଥିଲା। ପ୍ରାତଃରୁ ମନ୍ଦିର ଖୋଲାଯାଇ ମଙ୍ଗଳ ଆଳତି ଅବକାଶ ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଦୀର୍ଘଦିନ ପରେ ମନ୍ଦିର ଖୋଲାଯାଇଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାରିକେଡ, ଅସ୍ଥାୟୀ କୋଭିଡ୍ ଟେଷ୍ଟ ସେଣ୍ଟରରେ ଥର୍ମାଲ ସ୍କ୍ରିନିଂ, ଆର୍‌ଟିପିସିଆର ବ୍ୟବସ୍ଥା କରାଯାଇଥିଲା। ତେବେ ମନ୍ଦିର ଖୋଲାଯିବାର ପ୍ରଥମ ଦିନରେ ରାତି ୭ଟା ୩୦ ମଧ୍ୟରେ ୨୪୬ଜଣ ଶ୍ରଦ୍ଧାଳୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବାକୁ ଆସିଥିବା ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ସୂତ୍ରରୁ ଜଣାପଡ଼ିଛି। ପ୍ରବେଶ ପୂର୍ବରୁ ବିଏମ୍‌ସିର ଦୁଇଟି ଟିମ୍ କୋଭିଡ୍ ପରୀକ୍ଷା କରୁଥିବାବେଳେ ଜଣେ ଶ୍ରଦ୍ଧାଳୁଙ୍କ ରିପୋର୍ଟ ପଜିଟିଭ ବାହାରିଥିବା ଜଣାପଡ଼ିଛି। ତେବେ ଉକ୍ତ ଶ୍ରଦ୍ଧାଳୁଙ୍କୁ ମନ୍ଦିରକୁ ଛଡ଼ା ନ ଯାଇ ଫେରାଇ ଦିଆଯାଇଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ କହିଛନ୍ତି।

**ରାମ ମନ୍ଦିର**





ଦୀର୍ଘ ୯ ମାସରୁ ଊର୍ଦ୍ଧ୍ୱ ସମୟ ଧରି ବନ୍ଦ ରହିବା ପରେ ରବିବାରଠାରୁ ଭୁବନେଶ୍ୱର ରାମମନ୍ଦିର ପୁନଃ ଖୋଲିଛି । ଭକ୍ତମାନେ ଅତି ନିକଟରୁ ଠାକୁର ଦର୍ଶନ କରୁଛନ୍ତି ।

# ଖୋଲିଲା କାଳିଜାଈ ମନ୍ଦିର, ଚିଲିକାରେ ପର୍ଯ୍ୟଟକଙ୍କ ଭିଡ଼

ବାଲୁଗାଁ,୩।୧(ଡି.ଏନ୍.ଏ.): କରୋନା କଟକଣା ହେତୁ ଦୀର୍ଘ ୯ମାସର ବ୍ୟବଧାନ ପରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜାନୁୟାରୀ ୩ତାରିଖ ତଥା ରବିବାର ଚିଲିକା ଅଞ୍ଚଳର ବିଭିନ୍ନ ମନ୍ଦିର ସମେତ ପ୍ରମୁଖ ପର୍ଯ୍ୟଟନସ୍ଥଳୀ କାଳିଜାଈ ମନ୍ଦିର ଖୋଲିଛି । ଫଳରେ ଦୀର୍ଘ ୯ମାସ ଧରି ଠାକୁର ଦର୍ଶନରୁ ବଞ୍ଚିତ ହୋଇଥିବା ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ସକାଳୁ ବିଭିନ୍ନ ଦେବାଦେବୀ ପୀଠଗୁଡ଼ିକରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ସେହିପରି ଚିଲିକା ପରିଭ୍ରମଣ ଏବଂ ମା'କାଳିଜାଈଙ୍କ ଦର୍ଶନ ନିମନ୍ତେ ହଜାର ହଜାର ପର୍ଯ୍ୟଟକ ବାଲୁଗାଁ, ଚିଲିକା କୂଳ ଏବଂ ବଡ଼କୂଳସ୍ଥିତ ପାନ୍ଥନିବାସକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବା ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷେ ଚିଲିକାରେ ଯାତ୍ରୀ ପରିବହନ ପାଇଁ ପ୍ରଶାସନ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ଡଙ୍ଗାରେ ସର୍ବାଧିକ ୮ଜଣ ଯାତ୍ରୀଙ୍କୁ ନେଇ ଯାତ୍ରା ନିମନ୍ତେ ଅନୁମତି ରହିଥିବା ବେଳେ ସାନିଟାଇଜର ବ୍ୟବହାର ଏବଂ ମାସ୍କ ପରିଧାନ ସହ ସାମାଜିକ ଦୂରତ୍ୱ ରଖିବା ପାଇଁ ପର୍ଯ୍ୟଟକେ ଏବଂ ଡଙ୍ଗା ମାଲିକଙ୍କୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ରବିବାର ସନ୍ଧ୍ୟା ସୁଦ୍ଧା ଚିଲିକାକୁ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସିଥିବା ସର୍ଭେରୁ ଜଣାଯାଇଛି।

**ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହେଲା**

# ଅଭିମାନ କଲେ ଭକ୍ତ

ପୁରୀ ଅଫିସ, ୩।୧

ଗତମାସ୨୩ ତାରିଖରୁ ଖୋଲିଥିବା ଶ୍ରୀମନ୍ଦିରରେ ରବିବାରଠାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଛି। ତେବେ କୋଭିଡ୍ କଟକଣା ଯୋଗୁ ବହୁ ଭକ୍ତ ଦର୍ଶନରୁ ବଞ୍ଚିତ ହୋଇଥିଲେ। ବିନା କୋଭିଡ୍ ରିପୋର୍ଟରେ ଆସିଥିବାରୁ ପ୍ରବେଶ ଅନୁମତି ମିଳି ନ ଥିଲା। ସେମାନେ ମହାପ୍ରଭୁଙ୍କ ଦୁଆରେ ଠିଆ ହୋଇ ଅଭିମାନ ଜାହିର କରୁଥିଲେ। ମହାପ୍ରଭୁଙ୍କ ଦର୍ଶନ ପାଇଁ କେତେଜଣ ଶ୍ରୀମନ୍ଦିର କର୍ତ୍ତୃପକ୍ଷଙ୍କୁ ନିବେଦନ କରୁଥିବାବେଳେ ଅନ୍ୟ କେତେଜଣ କେବଳ ପତିତପାବନ ଦର୍ଶନ କରି ଫେରିଥିଲେ। କଟକର ଶ୍ରୀବତ୍ସ ମହାନ୍ତି ଦର୍ଶନ ପାଇଁ ସପରିବାର ଆସି କେବଳ ପତିତପାବନ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିର



ନ ଯାଇ ପାରିବାର କୋହ ସମ୍ଭାଳି ନ ପାରି ସେ କହିଛନ୍ତି, ଏତେ ଦିନର ଅପେକ୍ଷା କରି ଦେଖିବାକୁ ସୁଯୋଗ ମିଳିଲା। ମାତ୍ର ପୁରା ପରିବାର ପାଇଁ କୋଭିଡ୍ ନେଗେଟିଭ୍ ରିପୋର୍ଟ ସଂଗ୍ରହ କରିବାର ସମ୍ବଳ ପାଖରେ ନାହିଁ। ତେଣୁ ବାଧ ହୋଇ ଏଇଠୁ ଫେରୁଛି।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମହାପ୍ରଭୁଙ୍କ ଦର୍ଶନ ସାରି ଶ୍ରୀମନ୍ଦିରରୁ ଫେରୁଛନ୍ତି ।

### ବିକ୍ରି ହେଲା କୋଭିଡ୍ ନେଗେଟିଭ ରିପୋର୍ଟ

ପୁରୀ ସହରର ଏକ ନିର୍ଦ୍ଦିଷ୍ଟ ଡାକ୍ତରଖାନା ରବିବାର ଦିନତମାମ୍ କୋଭିଡ୍ ନେଗେଟିଭ୍ ରିପୋର୍ଟ ବାଣ୍ଟୁଥିବା ଦେଖିବାକୁ ମିଳିଥିଲା। ଯେଉଁ ଭକ୍ତଙ୍କର କୋଭିଡ୍ ନେଗେଟିଭ୍ ରିପୋର୍ଟ ନ ଥିଲା ସେମାନେ ୨୪ ଘଣ୍ଟା ମଧ୍ୟରେ ଉକ୍ତ ଡ଼ାକ୍ତରଖାନାରୁ ରିପୋର୍ଟ ପାଉଥିଲେ। ଶ୍ରୀମନ୍ଦିର ବ୍ୟାରିକେଡ୍ ପାଖରେ ଯେ କେହି ପହଞ୍ଚି କୋଭିଡ୍ ନେଗେଟିଭ୍ ରିପୋର୍ଟ ନ ଥିବା ନେଇ ପ୍ରକାଶ କରୁଥିଲେ ତାଙ୍କୁ ମୋଚିସାହିସ୍ଥିତ ଉକ୍ତ ଡାକ୍ତରଖାନାକୁ ଯିବାକୁ କୁହାଯାଉଥିଲା। ସକାଳ ବେଳା ଦର୍ଶନ କରିଥିବା ପ୍ରାୟ ଅଧା ଲୋକେ ଉକ୍ତ ଡାକ୍ତରଖାନରୁ କୋଭିଡ୍ ନେଗେଟିଭ୍ ରିପୋର୍ଟ ନେଇ ଶ୍ରୀମନ୍ଦିର ଦର୍ଶନ କରିଛନ୍ତି। ତେବେ ତରବରିଆ ଭାବେ ଏକ ଘରୋଇ ହସ୍ପିଟାଲ୍ ଏତେ ମାତ୍ରାର ରକ୍ତ ନମୁନା ପରୀକ୍ଷା କରିବା ପ୍ରସଙ୍ଗ ଉପରେ ସନ୍ଦେହ ଉଠିଛି। କୋଭିଡ୍ ରିପୋର୍ଟରେ ହେରାଫେରି ହୋଇଥିବା ଓ ଟଙ୍କା ଲୋଭରେ କେବଳ କୋଭିଡ୍ ରିପୋର୍ଟ ଛାପି ଦିଆଯାଇଥିବା ଭଳି ସଙ୍ଗିନ ଆରୋପ ମଧ ଲାଗିଛି। ଅନ୍ୟପକ୍ଷରେ ପ୍ରଶାସନର କୋଭିଡ୍ ରିପୋର୍ଟ ଯାଞ୍ଚକୁ ନେଇ ସନ୍ଦେହ ଉପୁଜିଛି।

### ଗରିବଙ୍କୁ ମିଳିଲାନି ଦର୍ଶନ

ପୁରୀ ସରକାରୀ ଡାକ୍ତରଖାନା ପକ୍ଷରୁ କୋଭିଡ୍ ରିପୋର୍ଟ ପ୍ରଦାନ ଲାଗି କୌଣସି ବ୍ୟବସ୍ଥା ହୋଇନି। ବେସରକାରୀ ସଂସ୍ଥା ୫ଶହରୁ ୬ଶହ ଟଙ୍କା ମାଗୁଛନ୍ତି। ଏଭଳି ସ୍ଥଳେ ଗରିବ ଲୋକ କେବଳ ପତିତପାବନ ଦର୍ଶନ ହିଁ କରିପାରିଛି। ଯାହା ପାଖରେ ଟଙ୍କା ଅଛି, ସେ ଦର୍ଶନ କରିଥିବାବେଳେ ଆମେ କେବଳ ସମୟକୁ ଅପେକ୍ଷା କରିଛୁ। କେବେ ସବୁ ପ୍ରତିବନ୍ଧ ହଟିବ ଓ ଆମେ କାଳିଆକୁ ଦେଖିବୁ ବୋଲି ପୁରୀ ଜିଲା ଗୋପ ନିବାସୀ ସନାତନ ଜେନା କୋହଭରା କଣ୍ଠରେ କହିଛନ୍ତି। ସେ ସପରିବାର ପତିତପାବନ ଦର୍ଶନ କରି ଫେରିଛନ୍ତି।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୀପକ ରଞ୍ଜନ



@ ଆରାଧନା



@ ପ୍ରଜ୍ଞାନ



@ କିରନ୍



@ ସନ୍ଦୀପ



@ ମଧୁସ୍ମିତା



@ସ୍ୱାଗତ



@ ଟିନୁ



@ ସୁଜିତ୍

**ସଂକ୍ଷେପରେ**

## 'ତ୍ୱରାନ୍ୱିତ ହେବ ପାଇକ ସ୍ମାରକୀ କାର୍ଯ୍ୟ'

**ଖୋର୍ଦ୍ଧା ଅଫିସ, ୩।୧:** ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି। ରବିବାର ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡ ନିକଟରେ ଏକ ଘରୋଇ କ୍ଲିନିକ୍ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେବା ଅବସରରେ ଷଡଙ୍ଗୀ କହିଛନ୍ତି ଯେ, ଖୋର୍ଦ୍ଧା ପାଇକ ବିଦ୍ରୋହ ହେଉଛି ଓଡ଼ିଆ ଜାତିର ଅସ୍ମିତା। ତେଣୁ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ଯେପରି ତ୍ୱରାନ୍ୱିତ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ସେହିପରି ଜାତୀୟ ରାଜପଥରେ ବଢ଼ିଚାଲିଥିବା ସଡ଼କ ଦୁର୍ଘଟଣା ସମ୍ପର୍କରେ ସେ କହିଲେ, ଭୁବନେଶ୍ୱର- ଚେନ୍ନାଇ ୧୬ ନମ୍ବର ଏବଂ ଖୋର୍ଦ୍ଧା- ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥରେ ବହୁ ଦୁର୍ଘଟଣା ଘଟି ପ୍ରାଣହାନୀ ଘଟୁଛି। ଏ ସମ୍ପର୍କରେ ଜାତୀୟ ରାଜପଥ ମାର୍ଗ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ। ନିର୍ମାଣ କାର୍ଯ୍ୟ ଯେପରି ତ୍ୱରିତ ଗତିରେ ସମାପ୍ତ ହେବ ସେଥିଲାଗି ପଦକ୍ଷେପ ନିଆଯିବ। ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ସମସ୍ୟା ସମ୍ପର୍କରେ ସେ ଅବଗତ ଥିବା କହିଛନ୍ତି। କରୋନା ଯୋଗୁ ଜିଲା ସ୍ୱାସ୍ଥ୍ୟ କମିଟି ବୈଠକ ବସିପାରିନାହିଁ। ତେବେ ମୁଖ୍ୟ ଚିକିତ୍ସାଳୟର ସମସ୍ୟା ଦୂର ସହ ଭିତ୍ତିଭୂମି ବିକାଶ ପ୍ରତି ଦୃଷ୍ଟି ଦିଆଯିବ। ଖୋର୍ଦ୍ଧା ଜିଲାର ବିକାଶ ଦିଗରେ କାର୍ଯ୍ୟ ଜାରି ରହିବ ବୋଲି ଏମ୍‌ପି ଷଡଙ୍ଗୀ ପ୍ରକାଶ କରିଛନ୍ତି।

## ସଭାପତି ଦିଲୀପ, ସମ୍ପାଦକ ମାନସ

### ଗୋପବନ୍ଧୁ ବଣିକ ସଂଘର ବାର୍ଷିକୋତ୍ସବ

**ବୋଲଗଡ, ୩।୧(ଡି.ଏନ୍.ଏ.):** ବୋଲଗଡ଼ ତହସିଲ ଛକ ନିକଟ ବଜାର ଗୋପବନ୍ଧୁ ବଣିକ ସଂଘର ବାର୍ଷିକୋତ୍ସବ ଓ ନୂତନ କର୍ମକର୍ତ୍ତା ମନୋନୟନ ରବିବାର ସ୍ଥାନୀୟ ମା ଭୁଆଷୁଣି ପୀଠରେ ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ବଣିକ ମହାସଂଘର ସଭାପତି ଦୁର୍ଗାଚରଣ ଦଳବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମହାସଂଘର ସମ୍ପାଦକ ଅରୂପ କୁମାର ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବ୍ୟବସାୟୀ ବନ୍ଧୁମାନେ ବ୍ୟବସାୟ ସମ୍ପର୍କିତ ସମସ୍ୟା ଓ ତା'ର ନିରାକରଣ ବାବଦରେ ଆଲୋଚନା କରିଥିଲେ। ପରେ ଗୋପବନ୍ଧୁ ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ଦିଲୀପ କୁମାର ସୁବୁଦ୍ଧି, ସମ୍ପାଦକ ଭାବେ ମାନସ କୁମାର ବେହେରା, ସହ-ସମ୍ପାଦକ ଭାବେ ରମାକାନ୍ତ ପ୍ରଧାନ ଏବଂ କୋଷାଧକ୍ଷ ଭାବେ ବୃନ୍ଦାବନ ସ୍ୱାଇଁ ଆଗାମୀ ବର୍ଷ ପାଇଁ ମନୋନୀତ ହୋଇଛନ୍ତି। ଏଥିରେ ବୋଲଗଡ ଅଞ୍ଚଳର ୬ଟି ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ଅବ୍ୟବସ୍ଥିତ ଅବସ୍ଥାରେ ରାସ୍ତାରେ ପଡ଼ିଛି ବିଦ୍ୟୁତ୍ ତାର



**ନିରାକାରପୁର,୩।୧(ଡି.ଏନ୍.ଏ.)-** ଖୋର୍ଦ୍ଧା ଜିଲା ବିଦ୍ୟୁତ କନିଷ୍ଠଯନ୍ତ୍ରୀଙ୍କ ଅଧୀନରେ ଥିବା ସାନରାଉତପଡ଼ା ପଞ୍ଚାୟତ ଛକରୁ ନୂଆସାହି ଯିବା ରାସ୍ତାର ଏକ ପାର୍ଶ୍ୱରେ ଅବ୍ୟବସ୍ଥିତ ଭାବେ ଗୋଟିଏ ଏଲଟି ଲାଇନ୍ ବିଦ୍ୟୁତ ତାର ତଳେ ପଡିଥିବା ବେଳେ ସେଥିରେ ଗୋଟିଏ ମାଙ୍କଡା ପଥର ଥୁଆ ହୋଇଛି। ସେ ରାସ୍ତା ଦେଇ ଜନସାଧାରଣ, ଛୋଟ ପିଲା, ଗୋରୁ, ଛେଳି, ମେଣ୍ଢା, କୁକୁର ସମେତ ଜଙ୍ଗଲୀ ହାତୀ ଯାତାୟାତ କରନ୍ତି। ତେବେ ଏହି ବିଦ୍ୟୁତ ତାରରେ ଲାଇନ ଥିଲେ କୌଣସି ସମୟରେ ମଧ ଅଘଟଣ ଘଟିବାର ସମ୍ଭାବନା ରହିଛି। ତେଣୁ ବିଦ୍ୟୁତ୍ ବିଭାଗ ତୁରନ୍ତ ଏହି ବିଦ୍ୟୁତ ତାରକୁ ସେଠାରୁ ହଟାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଭୁଷଣ୍ଡପୁର କନିଷ୍ଠ ଯନ୍ତ୍ରୀ ଅଭିମନ୍ୟୁ ଜେନା କହିଛନ୍ତି, ସେ ତାରରେ ବିଦ୍ୟୁତ ସଂଯୋଗ ହୋଇ ନାହିଁ। ତଥାପି ମୁଁ ସୋମବାର ସେଠାକୁ ଯାଇ ଦେଖିବା ସହ ହଟାଇବି।

# ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ ରାଜଧାନୀବାସୀ

**ପୁରୁଣା ଭୁବନେଶ୍ୱର,୩।୧(ଡି.ଏନ୍.ଏ.)**

ଦୀର୍ଘ ୯ ମାସର ଅପେକ୍ଷା ପରେ ରାଜଧାନୀ ଭୁବନେଶ୍ୱରରେ ରବିବାର ଅଧିକାଂଶ ଧାର୍ମିକ ଅନୁଷ୍ଠାନ ଖୋଲାଯାଇଛି। ସେଥିମଧ୍ୟରୁ ଐତିହ୍ୟ ଶ୍ରୀଲିଙ୍ଗରାଜ ମନ୍ଦିର ମଧ ଖୋଲାଯାଇଥିବାବେଳେ କେବଳ ରାଜଧାନୀବାସୀଙ୍କ ପାଇଁ ଦୁଇଦିନ ଲାଗି ପ୍ରବେଶ ଅନୁମତି ଦିଆଯାଇଛି। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସମୟ ନିର୍ଘଣ୍ଟ କରାଯାଇଥିଲା। ପ୍ରାତଃରୁ ମନ୍ଦିର ଖୋଲାଯାଇ ମଙ୍ଗଳ ଆଳତି ଅବକାଶ ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଦୀର୍ଘଦିନ ପରେ ମନ୍ଦିର ଖୋଲାଯାଇଥିବାରୁ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାରିକେଡ, ଅସ୍ଥାୟୀ ସ୍କ୍ରିନିଂ, ଆରଟିପିସିଆର ବ୍ୟବସ୍ଥା କୋଭିଡ୍ ଟେଷ୍ଟ ସେଣ୍ଟରରେ ଥର୍ମାଲ କରାଯାଇଥିଲା। ତେବେ ମନ୍ଦିର



ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପେକ୍ଷାରତ ଭକ୍ତ ।

### ୨୪୬ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଜଣେ ପଜିଟିଭ ଚିହ୍ନଟ

ଖୋଲାଯିବାର ପ୍ରଥମ ଦିନରେ ସନ୍ଧ୍ୟା ୭ଟା ୩୦ ମଧ୍ୟରେ ୨୪୬ଜଣ ଶ୍ରଦ୍ଧାଳୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବାକୁ ଆସିଥିବା ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ସୂତ୍ରରୁ ଜଣାପଡ଼ିଛି। ପ୍ରବେଶ ପୂର୍ବରୁ ବିଏମ୍‌ସିର ଦୁଇଟି ଟିମ୍ କୋଭିଡ୍ ପରୀକ୍ଷା କରୁଥିବାବେଳେ ଜଣେ ଶ୍ରଦ୍ଧାଳୁଙ୍କ ରିପୋର୍ଟ ପଜିଟିଭ ବାହାରିଥିବା ଜଣାପଡ଼ିଛି। ଟେଷ୍ଟିଂ ପାଇଁ ରହିଥିଲେ। ତେବେ ପଜିଟିଭ ବାହାରିଥିବା ଶ୍ରଦ୍ଧାଳୁଙ୍କୁ ଫେରାଇ ଦିଆଯାଇଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ କହିଛନ୍ତି।

## ଖୋଲିଲା କାଳିଜାଈ ମନ୍ଦିର, ଚିଲିକାରେ ପର୍ଯ୍ୟଟକଙ୍କ ଭିଡ଼

**ବାଲୁଗାଁ,୩।୧(ଡି.ଏନ୍.ଏ.)**

କରୋନା କଟକଣା ହେତୁ ଦୀର୍ଘ ୯ମାସର ବ୍ୟବଧାନ ପରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜାନୁୟାରୀ ୩ତାରିଖ ତଥା ରବିବାର ଚିଲିକା ଅଞ୍ଚଳର ବିଭିନ୍ନ ମନ୍ଦିର ସମେତ ପ୍ରମୁଖ ପର୍ଯ୍ୟଟନସ୍ଥଳୀ କାଳିଜାଇ ମନ୍ଦିର ଖୋଲିଛି । ଫଳରେ ଦୀର୍ଘ ୯ମାସ ଧରି ଠାକୁର ଦର୍ଶନରୁ ବଞ୍ଚିତ ହୋଇଥିବା ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ସକାଳୁ ବିଭିନ୍ନ ଦେବାଦେବୀ ପୀଠଗୁଡ଼ିକରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ସେହିପରି ଚିଲିକା ପରିଭ୍ରମଣ ଏବଂ ମା'କାଳିଜାଈଙ୍କ ଦର୍ଶନ ନିମନ୍ତେ ହଜାର ହଜାର ପର୍ଯ୍ୟଟକ ବାଲୁଗାଁ, ଚିଲିକା କୂଳ ଏବଂ ବଡ଼କୂଳସ୍ଥିତ ପାନ୍ଥନିବାସକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବା ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷେ ଚିଲିକାରେ ଯାତ୍ରୀ ପରିବହନ ପାଇଁ ପ୍ରଶାସନ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ଡଙ୍ଗାରେ ସର୍ବାଧିକ ୮ଜଣ ଯାତ୍ରୀଙ୍କୁ ନେଇ ଯାତ୍ରା ନିମନ୍ତେ ଅନୁମତି ରହିଥିବା ବେଳେ ସାନିଟାଇଜର ବ୍ୟବହାର ଏବଂ ମାସ୍କ ପରିଧାନ ସହ ସାମାଜିକ ଦୂରତ୍ୱ ରଖିବା ପାଇଁ ପର୍ଯ୍ୟଟକ ଏବଂ ଡଙ୍ଗା ମାଲିକଙ୍କୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ରବିବାର ସନ୍ଧ୍ୟା ସୁଦ୍ଧା ଚିଲିକାକୁ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସିଥିବା ସର୍ଭେରୁ ଜଣାଯାଇଛି ।

## ଖୋଲିଲାନି ଉମାମହେଶ୍ୱର ମନ୍ଦିର, ଭକ୍ତ ନିରାଶ

**ବାଲୁଗାଁ,୩।୧(ଡି.ଏନ୍.ଏ.)**

ଦୀର୍ଘ ୯ମାସ ଧରି ଶ୍ରଦ୍ଧାଳୁ ଠାକୁର ଦର୍ଶନରୁ ବଞ୍ଚିତ ଥିବା ବେଳେ ରବିବାର ସମସ୍ତ ଧର୍ମାନୁଷ୍ଠାନ ଖୋଲାଯିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଶ୍ରଦ୍ଧାଳୁ ଉତ୍ସୁକତାର ସହ ରବିବାର ସକାଳୁ ବାଲୁଗାଁସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଉମାମହେଶ୍ୱର ଦେବଙ୍କ ମନ୍ଦିର ସମ୍ମୁଖରେ ଭିଡ଼ ଜମାଇଥିଲେ। ହେଲେ ଦୀର୍ଘ ସମୟ ଧରି ମନ୍ଦିର ମୁଖ୍ୟ ଫାଟକ ଖୋଲାଯାଇ ନ ଥିଲା। ଫଳରେ ଶ୍ରଦ୍ଧାଳୁଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ଠାକୁରଙ୍କୁ ଦର୍ଶନ କରି ନ ପାରି ନିରାଶ ମନରେ ଶ୍ରଦ୍ଧାଳୁ ଫେରିଥିଲେ। ଏ ସଂକ୍ରାନ୍ତରେ ମନ୍ଦିର ଟ୍ରଷ୍ଟିଙ୍କୁ ପଚାରିବାରେ ମନ୍ଦିର ଖୋଲାଯିବା ନେଇ କୌଣସି ଲିଖିତ ଅନୁମତି ମିଳି ନାହିଁ। ସୋମବାର ଦେବୋତ୍ତର କମିଶନରଙ୍କୁ ଯୋଗାଯୋଗ କରିବା ପରେ ତାଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରାଯିବ ବୋଲି ସେ କହିଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ: ଭୋଗଡ଼ା ଟିମ୍ ଚାମ୍ପିୟନ

**ବେଗୁନିଆ, ୩।୧(ଡି.ଏନ୍.ଏ.)**

ବେଗୁନିଆ ଅଧୀନ ଦିନିଆରୀରେ ଚାଲୁଥିବା ୬ଷ୍ଠ ବାର୍ଷିକ ମା' କଳପାଟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୮ଟି ଟିମକୁ ନେଇ ଟୁର୍ନାମେଣ୍ଟ ଆରମ୍ଭ ହୋଇଥିବାବେଳେ ଫାଇନାଲରେ ଭୋଗଡା ଟିମ ଓ ବଘେଇ ଟିମ୍ ପ୍ରବେଶ କରିଥିଲେ। ଟସ୍ ଜିତି ପ୍ରଥମେ ଭୋଗଡା ଟିମ ବ୍ୟାଟିଂ କରି ୨୦ ଓଭରରେ ୧୭୩ ରନ କରିଥିଲା। ଜବାବରେ ବଘେଇ ଦଳ ବିଜୟ ଲକ୍ଷ୍ୟକୁ ପିଛା କରି ୧୨୮ରେ ସୀମିତ ରହିଥିଲା। ୪୫ ରନରେ ଭୋଗଡା ଟିମ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସରପଞ୍ଚ ସନ୍ତୋଷ ମାଣିକ, ସାମାଜିକ କର୍ମୀ ବାସୁଦେବ ବେହେରା, ଉଦ୍ୟକ୍ତା ଦାଶରଥି ପଣ୍ଡା, ସତ୍ୟନାରାୟଣ ସାହୁ ଓ ସୁଶାନ୍ତ ପଣ୍ଡା, ଶେଷଦେବ ବେହେରା, କ୍ଲବ ସଭ୍ୟ ଜୟଦେବ ବେହେରା, ଶକ୍ତି ପ୍ରସାଦ ତ୍ରିପାଠୀ, ଆଶିଷ ପଣ୍ଡା, ପ୍ରଶାନ୍ତ ସାହୁ, ଦୁର୍ଗା ପ୍ରସାଦ ମହାଭୋଇ, ବିଷ୍ଣୁ ପ୍ରସାଦ ପଣ୍ଡା, ସୁଧୀର ଦାସ। ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ବିଜୟୀ ଟିମ୍ ।

## ନିରାକାରପୁରରେ ୧୦୮ ସେବା ଆରମ୍ଭ

**ନିରାକାରପୁର,୩।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ନିରାକାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉ ଗୋଟିଏ ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ଏହି ଅଞ୍ଚଳରେ ପୂର୍ବରୁ ଗୋଟିଏ ୧୦୮ ସେବା ଥିବାବେଳେ ରୋଗୀ ସଂଖ୍ୟା ବଢ଼ିବା ସହ ଆଉ ଏକ ଆମ୍ବୁଲାନ୍ସ ଆବଶ୍ୟକ ହେଉଥିଲା। ଏ ନେଇ ଜନସାଧାରଣ ସ୍ଥାନୀୟ ପ୍ରଶାସନଙ୍କ ନିକଟରେ ବହୁବାର ଆମ୍ବୁଲାନ୍ସ ପାଇଁ ଦାବି କରିଆସୁଥିଲେ। ନିରାକାରପୁର ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିରାକାରପୁର ବ୍ୟତୀତ ନିକଟସ୍ଥ ୮/୧୦ ପଞ୍ଚାୟତର ଲୋକ ନିର୍ଭରଶୀଳ। ପୁଣି ଏକ ୧୦୮ ଆମ୍ବୁଲାନ୍ସ ଯୋଗାଇଦିଆଯାଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ଏ ନେଇ ଆରୋଗ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ଅଶ୍ୱିନୀ କୁମାର ସ୍ୱାଇଁଙ୍କୁ ପଚାରିବାରେ ଏ ଅଞ୍ଚଳର ଅସୁବିଧାକୁ ଦୃଷ୍ଟିରେ ରଖିବା ସହ ଜନସାଧାରଣଙ୍କ ଦାବି ପରେ ଏହା ପୂରଣ ହୋଇଛି। ଏହା ଯୋଗୁ ଅନେକ ରୋଗୀ ଠିକ ସମୟରେ ଠିକ ସେବା ପାଇପାରିବେ ବୋଲି ସୂଚନା ଦେଇଛନ୍ତି।

## ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଚିନ୍ତାଜନକ: ପ୍ରତାପ

**ଖୋର୍ଦ୍ଧା ଅଫିସ, ୩।୧**

### ଭାଜପା କର୍ମୀଙ୍କୁ ହତ୍ୟା ପ୍ରସଙ୍ଗ

ମାହାଙ୍ଗାରେ ଭାଜପା କର୍ମୀଙ୍କ ହତ୍ୟା ଘଟଣାକୁ ନେଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଚିନ୍ତାଜନକ। ଗଣତନ୍ତ୍ରର ସୁରକ୍ଷା ଦୃଷ୍ଟିରୁ ସମସ୍ତଙ୍କୁ ଏକଜୁଟ ହେବାକୁ ପଡ଼ିବ। ରବିବାର ଖୋର୍ଦ୍ଧା ନୂଆବସ୍‌ଷ୍ଟାଣ୍ଡଠାରେ ଏକ ଘରୋଇ କ୍ଲିନିକ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ଯୋଗଦେଇ ଏହା କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଲେ ଯେ, ଏହା ଏକ ରାଜନୈତିକ ହତ୍ୟାକାଣ୍ଡ। ଏହି ଘଟଣା ପଛରେ କେଉଁମାନଙ୍କ ହାତ ରହିଛି, ତାହା ସମସ୍ତେ ଜାଣିଛନ୍ତି। ପଶ୍ଚିମବଙ୍ଗ ପରେ ଓଡ଼ିଶାରେ ରାଜନୈତିକ ହିଂସା ବଢିବାରେ ଲାଗିଛି। ପଞ୍ଚାୟତ ନିର୍ବାଚନ ସମୟରେ ୧୫ ଜଣ ଭାଜପା କର୍ମୀଙ୍କୁ ହତ୍ୟା କରାଯାଇଛି। ସୋମବାର ଏହି ଘଟଣାର ସବିଶେଷ ତଥ୍ୟ ସହିତ ଉପସ୍ଥାପନ କରାଯିବ। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱକୁ ଦେଖି ଓଡ଼ିଶା ସରକାର ଭୟଭୀତ ହୋଇପଡ଼ିଛନ୍ତି। ଶାସକ ଦଳ ନିଜକୁ ଅସୁରକ୍ଷିତ ମନେ କରୁଛି। ୨୦୧୯ କେନ୍ଦ୍ରୀୟ ରେକର୍ଡସ ବ୍ୟୁରୋ (ଏନ୍‌ସିବି) ରିପୋର୍ଟ ଅନୁଯାୟୀ ମହିଳା ନିର୍ଯାତନା କ୍ଷେତ୍ରରେ ଓଡ଼ିଶା ଦ୍ୱିତୀୟ ଏବଂ ଚାଇଲ୍ଡ ପର୍ନଗ୍ରାଫିରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି। ଏଠାରେ ମହିଳାଙ୍କ ଆର୍ଥିକ ସ୍ୱଚ୍ଛଳତା ସହିତ ସେମାନଙ୍କ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ରାଜ୍ୟରେ ଯେପରି ଅସୁରକ୍ଷିତ ବାତାବରଣ ନ ରହିବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଥିଲେ।

## 'ଭଲ ମଣିଷ ହେବାକୁ ସ୍ୱପ୍ନ ଦେଖିବା ଜରୁରୀ'

**ଟାଙ୍ଗୀ (ଖୋର୍ଦ୍ଧା),୩।୧(ଡି.ଏନ୍.ଏ.)**

ଟାଙ୍ଗୀସ୍ଥିତ ବଳରାମ ଦେବ ବିଦ୍ୟାପୀଠର ୭୮ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ସମ୍ମାନିତ ଅତିଥି ଡା. ମଧୁସୂଦନ ସେନାପତି, ପ୍ରଫେସର ମୀନାକ୍ଷୀ ମିତ୍ର, ପୁରାତନ ଛାତ୍ର ସଂସଦ ସମ୍ପାଦକ ବିଜୟ ରାଉତ, ପ୍ରଧାନ ଶିକ୍ଷକ ପ୍ରଦୀପ ଷଡ଼ଙ୍ଗୀ, ପୂର୍ବତନ ପ୍ରଧାନ ଶିକ୍ଷକ ତ୍ରିନାଥ ଦାସ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଜୀବନଯାପନ, ନିଷ୍ଠାପର ଉଦ୍ୟମ ଓ ଭଲ ମଣିଷ ହେବାକୁ ସ୍ୱପ୍ନ ଦେଖିବା ସହ ସମାଜର ହିତ ସାଧନ ପାଇଁ କାର୍ଯ୍ୟ କରିବାକୁ ମନ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ମିତ୍ର ବିଦ୍ୟାଳୟ ପରିସରରେ ସୁନାମଧନ୍ୟ ପ୍ରଧାନ ଶିକ୍ଷକ ଡମ୍ବରୁଧର ପରିଡ଼ାଙ୍କ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ଚଳିତବର୍ଷ ମାଟ୍ରିକରେ ଏ-୧ ଗ୍ରେଡ ରଖିଥିବା ସୁଶାନ୍ତ ସାହୁ ଓ ଜ୍ୟୋତିର୍ମୟୀ ପଟ୍ଟନାୟକଙ୍କୁ ମେଧା ସମ୍ମାନରେ ସମ୍ବର୍ଦ୍ଧିତ କରାଯିବା ସହ ସେମାନଙ୍କର ମାତାପିତାଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଡା.ଜଗଦୀଶ ଚନ୍ଦ୍ର ବେହେରା, ଡା. ନଗେନ ରାୟ ପଟ୍ଟନାୟକ, ସନ୍ତୋଷ ବେହେରା, ସୁରଜ ଅଗ୍ରୱାଲ ଓ ସୌଭାଗ୍ୟ ବେହେରାଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ନାରାୟଣ ମହାପାତ୍ର, ରଘୁନାଥ ସାହୁ, ନରେନ୍ଦ୍ର ଦାସ, ଅରୁଣ ରଞ୍ଜନ ମହାନ୍ତି, ନନ୍ଦକିଶୋର, ଗଙ୍ଗାଧର ବେହେରା, କିଶୋର ବେହେରା, ଅଧ୍ୟାପକ କେଶବ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।




ବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ ।

### ବଳରାମ ଦେବ ବିଦ୍ୟାପୀଠ ପ୍ରତିଷ୍ଠା ଦିବସ

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୀପକ ରଞ୍ଜନ



@ ଆରାଧନା



@ ପ୍ରଜ୍ଞାନ



@ କିରଣ୍



@ ସନ୍ଦୀପ



@ ମଧୁସ୍ମିତା



@ସ୍ୱାଗତ



@ ଚିନୁ



@ ସୁଜିତ୍

## ସତ୍ୟବାଦୀ ବିକାଶ ପରିଷଦର ବୈଠକ

**ସାକ୍ଷୀଗୋପାଳ,(ଡି.ଏନ୍.ଏ.):** ସତ୍ୟବାଦୀ ବିକାଶ ପରିଷଦର ବୈଠକ ବରାଳ ଗ୍ରାମସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ରବିବାର ଅନୁଷ୍ଠିତ ହୋଇଥିଲା। ପରିଷଦର ସଭାପତି ଗୁଣ୍ଡିଚା ବରାଳ ଅଧ୍ୟକ୍ଷତା କରିଥିଲେ। ଫେବୃୟାରୀ ୧୨ ତାରିଖ ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ଅବସରରେ ପରିଷଦର ବାର୍ଷିକ ଉତ୍ସବ ଏବଂ ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ ଲାଗି ସ୍ଥିର କରାଯାଇଛି। ସମ୍ପାଦକ ଅମର ନନ୍ଦ, ଉପସଭାପତି ହୃଷିକେଶ ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ବିଶ୍ୱଜିତ ଶତପଥୀ, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ସଖୀମଣି ବରାଳ, ରାଜକିଶୋର ହୋତା, ସତ୍ୟବାଦୀ ଦାସ, ଜୟନ୍ତ ତ୍ରିପାଠୀ, ସୁରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆଧାତ୍ମିକ କବିତା ଆସର, କବି ସମ୍ବର୍ଦ୍ଧନା

**ସାକ୍ଷୀଗୋପାଳ, ୩।୧(ଡି.ଏନ୍.ଏ.):** ନୂଆବର୍ଷ ଉପଲକ୍ଷେ ବନ୍ଦନା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ ମଠସାହି ଦୁର୍ଗାବିହାର କଲୋନୀରେ ଆଧାତ୍ମିକ କବିତା ଆସର ଓ କବି ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମାଟିର ମହକ ସମ୍ପାଦକ ମାନସ ରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଡ.ଦିଲୀପ ସେନାପତି, ସମ୍ମାନିତ ଅତିଥି ଚିତ୍ତରଞ୍ଜନ ବିଶ୍ୱାଳ ଯୋଗଦେଇ ଆଧାତ୍ମିକ କବିତା ଭକ୍ତମାନଙ୍କୁ ଭଗବାନଙ୍କ ନିକଟତର କରିବାରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ବନ୍ଦନାର ସମ୍ପାଦକ ରବୀନ୍ଦ୍ରନାଥ ଷଡଙ୍ଗୀ ଅତିଥି ଓ ଉତ୍ସବ ପରିଚାଳନା କରିଥିଲେ। ପ୍ରମିଳା ପଟ୍ଟନାୟକ, ବନ୍ଦନା ମହାପାତ୍ର, ହୃଷୀକେଶ ପ୍ରଧାନ, ରଞ୍ଜନ ମିଶ୍ର, ବିଭୂତି ମିଶ୍ର, ବିଜୟ ପଟ୍ଟନାୟକ, ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ୩୦ଜଣ କବି ସ୍ୱ-ରଚିତ ଆଧାତ୍ମିକ କବିତା ପାଠ କରିଥିଲେ। ସୁନନ୍ଦା ମହାନ୍ତି କବିତା ପାଠୋତ୍ସବରେ ସଂଯୋଜନା କରିଥିଲେ। ଏହି ଅବସରରେ କବୟିତ୍ରୀ ଓ କବିମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା କରିଥିଲେ।

### ସେବା କାର୍ଯ୍ୟକ୍ରମ ମୋକ୍ଷର ଶୁଭାରମ୍ଭ

**ପୁରୀ ଅଫିସ,୩।୧:** ଶ୍ରୀକ୍ଷେତ୍ର ରୋଭର୍ ଆଣ୍ଡ ରେଞ୍ଜର ୟୁନିଟ୍ ପକ୍ଷରୁ ସେବା କାର୍ଯ୍ୟକ୍ରମ ମୋକ୍ଷର ରବିବାର ଶୁଭାରମ୍ଭ ହୋଇଛି। ଶ୍ରୀମନ୍ଦିର ସମେତ ଜିଲାର ସବୁ ଦେବାଳୟ ଖୋଲିବା ପରେ ଭକ୍ତଙ୍କୁ ବିଭିନ୍ନ ପ୍ରକାର ସୁବିଧା ଯୋଗାଇଦେବା ପାଇଁ ପୁରୀର ଏହି ସର୍ବପୁରାତନ ସ୍କାଉଟ୍ ସଙ୍ଗଠନ ସେବା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି। ସଙ୍ଗଠନ ପକ୍ଷରୁ ଲୋକନାଥ ମନ୍ଦିର ଓ ସିଦ୍ଧ ମହାବୀର ମନ୍ଦିର ନିକଟରେ ଦୁଇଟି କ୍ୟାମ୍ପର ଆୟୋଜନ ହୋଇଛି। ମନ୍ଦିର ପରିସର ସଫେଇ, ବିଶୋଧନ ସହ ଭକ୍ତଙ୍କୁ କୋଭିଡ୍ ନିୟମ ପାଳନ ପାଇଁ ସଚେତନ କରିବା ଭଳି ସମାଜସେବୀ କାର୍ଯ୍ୟକ୍ରମ କରାଯାଉଛି। ୟୁନିଟ୍ ଲିଡର ରାଜେନ୍ଦ୍ର ହରିଚନ୍ଦନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଥିବା ବେଳେ କ୍ୟାଡେଟ୍ ପ୍ରଶାନ୍ତ ମୁଦୁଲି, ନିରଞ୍ଜନ ସ୍ୱାଇଁ ଓ ଅନିଲ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

### ନିମାପଡ଼ାରେ ମୋ ସ୍କୁଲ କାର୍ଯ୍ୟକ୍ରମ

**ନିମାପଡ଼ା,୩।୧(ଡି.ଏନ୍.ଏ.):** ନିମାପଡ଼ା ଏନ୍ଏସି ଅନ୍ତର୍ଗତ ପ୍ରାକ୍ଟିସିଂ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟରେ ମୋ ସ୍କୁଲ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର ସଂଘର ସଭାପତି ନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୀମାନ୍ତଶେଖର ରଥ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ନିମାପଡ଼ା କଲେଜର ପୂର୍ବତନ ଅଧ୍ୟକ୍ଷ ବସନ୍ତ ମହାନ୍ତି, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ (ସିଆରସିସି) ଲକ୍ଷ୍ମୀଧର ସେଠୀ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଦିଗରେ ଗୁରୁତ୍ୱାରୋପ କରିବା ସହ ବିଦ୍ୟାଳୟର ବିକାଶ ଦିଗରେ ଏହା ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ କ୍ଷଣପ୍ରଭା ପାତ୍ର ଧନ୍ୟବାଦ ଦେଇଥିଲେ।

### ହରେକୃଷ୍ଣ ମହତାବଙ୍କ ତିରୋଧାନ ଦିବସ

**କାକଟପୁର,୩।୧(ଡି.ଏନ୍.ଏ.):** କାକଟପୁର ନିକଟସ୍ଥ ଫଣଫଣା ଗ୍ରାମରେ ଥିବା ଶଙ୍କରେଶ୍ୱର ମହାଦେବ ଧାର୍ମିକ ଓ ଦାତବ୍ୟ ଟ୍ରଷ୍ଟ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନବ ଉତ୍କଳର ନିର୍ମାତା ଡ. ହରେକୃଷ୍ଣ ମହତାବଙ୍କର ତିରୋଧାନ ଦିବସ ପାଳିତ ହୋଇଯାଇଛି। ମହତାବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଟ୍ରଷ୍ଟର ପ୍ରତିଷ୍ଠାତା ସଦସ୍ୟା ମୀନତୀ ପଣ୍ଡାଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟ ହୋଇଥିଲା। ଏଥିରେ ଅତିଥି ଭାବେ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦାଶ, ଆଇନଜୀବୀ ଅଶୋକ ଦାଶ, ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ସ୍ୱାଇଁ, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ପଣ୍ଡା ଓ ଚକ୍ରଧର ସ୍ୱାଇଁ ପ୍ରମୁଖ ଯୋଗଦେଇ ଡ. ମହତାବଙ୍କ ଜୀବନୀ ସମ୍ପର୍କରେ ଉପରେ କହିଥିଲେ। ସଭାରେ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଥିଲା। ଶେଷରେ ରତ୍ନପୂର୍ଣ୍ଣା ପଣ୍ଡା ଧନ୍ୟବାଦ ଦେଇଥିଲେ।



ଶ୍ରୀମନ୍ଦିର ସମ୍ମୁଖ ରାସ୍ତାକୁ ଫୁଲରେ ସଜାଯାଇଛି।



ଦାରୁଦିଅଁ ଦର୍ଶନ ପାଇଁ ବ୍ୟାରିକେଡ୍‌ରେ ଭକ୍ତଙ୍କ ଭିଡ଼।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପତିତପାବନ ଦର୍ଶନ କରି ଫେରୁଛନ୍ତି।

# ଅଭିମାନ କଲେ ଭକ୍ତ

**ପୁରୀ ଅଫିସ, ୩।୧**

ସର୍ବସାଧାରଣ ଦର୍ଶନବେଳେ ବଡଦାଣ୍ଡରେ ରବିବାର ଅନେକ ଏଭଳି ଶ୍ରଦ୍ଧାଳୁଙ୍କୁ ଦେଖିବାକୁ ମିଳିଥିଲା, ଯେଉଁମାନେ ବିନା କୋଭିଡ୍ ରିପୋର୍ଟରେ ଆସି ମହାପ୍ରଭୁଙ୍କ ଦୁଆରେ ଠିଆ ହୋଇ ଅଭିମାନ ଜାହିର କରୁଥିଲେ। ମହାପ୍ରଭୁଙ୍କ ଦର୍ଶନ ପାଇଁ କେତେଜଣ ଶ୍ରୀମନ୍ଦିର କର୍ତ୍ତୃପକ୍ଷଙ୍କୁ ନିବେଦନ କରୁଥିବାବେଳେ ଅନ୍ୟ କେତେଜଣ କେବଳ ପତିତପାବନ ଦର୍ଶନ କରି ଫେରିଥିଲେ। କଟକର ଶ୍ରୀବତ୍ସ ମହାନ୍ତି ଦର୍ଶନ ପାଇଁ ସପରିବାର ଆସି କେବଳ ପତିତପାବନ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିର ନ ଯାଇ ପାରିବାର କୋହ ସମ୍ଭାଳି ନ ପାରି ସେ କହିଛନ୍ତି, ଏତେ ଦିନର ଅପେକ୍ଷା କରି ଦେଖିବାକୁ ସୁଯୋଗ ମିଳିଲା। ମାତ୍ର ପୁରା ପରିବାର ପାଇଁ କୋଭିଡ୍ ନେଗେଟିଭ୍ ରିପୋର୍ଟ ସଂଗ୍ରହ କରିବାର ସମ୍ବଳ ପାଖରେ ନାହିଁ। ତେଣୁ ବାଧ ହୋଇ ଏଇଠୁ ଫେରୁଛି।

### ବିକ୍ରି ହେଲା କୋଭିଡ୍ ନେଗେଟିଭ ରିପୋର୍ଟ

ପୁରୀ ସହରର ଏକ ନିର୍ଦ୍ଦିଷ୍ଟ ଡାକ୍ତରଖାନା ରବିବାର ଦିନତମାମ୍ କୋଭିଡ୍ ନେଗେଟିଭ୍ ରିପୋର୍ଟ ବାଣ୍ଟୁଥିବା ଦେଖିବାକୁ ମିଳିଥିଲା। ଜଗନ୍ନାଥ ଦର୍ଶନ ପାଇଁ ଏଭଳି ଅନେକ ପରିବାର ପୁରୀରେ ପହଞ୍ଚିଥିଲେ ଯେଉଁମାନଙ୍କ ପାଖରେ ନେଗେଟିଭ୍ ରିପୋର୍ଟ ନ ଥିଲା। ତେବେ ଏଭଳି ପରିବାରଙ୍କୁ ୨୪ ଘଣ୍ଟା ମଧ୍ୟରେ ସମ୍ପୃକ୍ତ ଡାକ୍ତରଖାନା ନେଗେଟିଭ୍ ରିପୋର୍ଟ ଯୋଗାଇ ଭଲ ବେପାର କରିଛି। ଶ୍ରୀମନ୍ଦିର ବ୍ୟାରିକେଡ୍ ପାଖରେ ଯେ କେହି ପହଞ୍ଚି କୋଭିଡ୍ ନେଗେଟିଭ୍ ରିପୋର୍ଟ ନ ଥିବା ନେଇ ପ୍ରକାଶ କରୁଥିଲେ ତାଙ୍କୁ ମୋଚିସାହିସ୍ଥିତ ଉକ୍ତ ଡାକ୍ତରଖାନାକୁ ଯିବାକୁ କୁହାଯାଉଥିଲା। ସକାଳ ବେଳା ଦର୍ଶନ କରିଥିବା ପ୍ରାୟ ଅଧା ଲୋକେ ଉକ୍ତ ଡାକ୍ତରଖାନାରୁ କୋଭିଡ୍ ନେଗେଟିଭ୍ ରିପୋର୍ଟ ନେଇ ଶ୍ରୀମନ୍ଦିର ଦର୍ଶନ କରିଛନ୍ତି। ତେବେ ତରବରିଆ ଭାବେ ଏକ ଘରୋଇ ହସ୍ପିଟାଲ୍ ଏତେ ମାତ୍ରାର ରକ୍ତ ନମୁନା ପରୀକ୍ଷା କରିବା ପ୍ରସଙ୍ଗ ଉପରେ ସନ୍ଦେହ ଉଠିଛି। କୋଭିଡ୍ ରିପୋର୍ଟରେ ହେରାଫେରି ହୋଇଥିବା ଓ ଟଙ୍କା ଲୋଭରେ କେବଳ କୋଭିଡ୍ ରିପୋର୍ଟ ଛାପି ଦିଆଯାଇଥିବା ଭଳି ସଙ୍ଗିନ ଆରୋପ ମଧ୍ୟ ଲାଗିଛି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ଦୁର୍ବଳତା ରହିଥିବା କଥା ସାମ୍ନାକୁ ଆସିଛି। କୋଭିଡ୍ ରିପୋର୍ଟ ଯାଞ୍ଚକୁ ପ୍ରଶାସନ କେବଳ ନାମକୁ ମାତ୍ର କାର୍ଯ୍ୟକାରୀ କରୁଛି ଯାହା ଦ୍ୱାରା ବାସ୍ତବରେ କୋଭିଡ୍ ରିପୋର୍ଟର ପ୍ରମାଣତା ସନ୍ଦେହ ଘେରକୁ ଆସୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ଗରିବଙ୍କୁ ମିଳିଲାନି ଦର୍ଶନ

ପୁରୀ ସରକାରୀ ଡାକ୍ତରଖାନା ପକ୍ଷରୁ କୋଭିଡ୍ ରିପୋର୍ଟ ପ୍ରଦାନ ଲାଗି କୌଣସି ବ୍ୟବସ୍ଥା ହୋଇନି। ବେସରକାରୀ ସଂସ୍ଥା ୫ଶହରୁ ୬ଶହ ଟଙ୍କା ମାଗୁଛନ୍ତି। ଏଭଳି ସ୍ଥଳେ ଗରିବ ଲୋକ କେବଳ ପତିତପାବନ ଦର୍ଶନ ହିଁ କରିପାରିଛି। ଯାହା ପାଖରେ ଟଙ୍କା ଅଛି, ସେ ଦର୍ଶନ କରିଥିବାବେଳେ ଆମେ କେବଳ ସମୟକୁ ଅପେକ୍ଷା କରିଛୁ। କେବେ ସବୁ ପ୍ରତିବନ୍ଧ ହଟିବ ଓ ଆମେ କାଳିଆକୁ ଦେଖିବୁ ବୋଲି ପୁରୀ ଜିଲା ଗୋପ ନିବାସୀ ସନାତନ ଜେନା କୋହଭରା କଣ୍ଠରେ କହିଛନ୍ତି। ସେ ସପରିବାର ପତିତପାବନ ଦର୍ଶନ କରି ଫେରିଛନ୍ତି।

## ଦାରୁଦିଅଁଙ୍କୁ ଦର୍ଶନ କଲେ ଗଣଶିକ୍ଷା ମନ୍ତ୍ରୀ, ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା

**ପୁରୀ ଅଫିସ, ୩।୧**

ଶ୍ରୀମନ୍ଦିରରେ ରବିବାରଠାରୁ ସାର୍ବଜନୀନ ଦର୍ଶନ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଦାରୁଦିଅଁଙ୍କୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଦର୍ଶନ କରିଛନ୍ତି। ମନ୍ତ୍ରୀ ଦାଶ କୋଭିଡ୍ ନେଗେଟିଭ୍ ରିପୋର୍ଟ ଦେଖାଇ ମନ୍ଦିର ଭିତରକୁ ଯାଇ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଓଡ଼ିଶାବାସୀଙ୍କ ମଙ୍ଗଳ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିବା ସେ କହିଛନ୍ତି। ମନ୍ତ୍ରୀ ଦାଶ କିଓସ୍କୋ ବ୍ୟବସ୍ଥାର ସମୀକ୍ଷା କରିଥିବାବେଳେ ପ୍ରଶାସନର ପ୍ରସ୍ତୁତି ନେଇ ସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ଡା. ସମ୍ବିତ ପାତ୍ର ମଧ୍ୟ କୋଭିଡ୍ ନେଗେଟିଭ୍ ରିପୋର୍ଟ ଦେଖାଇ ଦାରୁଦିଅଁଙ୍କ ଦର୍ଶନ କରିଥିଲେ। ସେ କହିଛନ୍ତି, ବିଶ୍ୱ ବିଧାତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଯେ ଅନନ୍ୟ ଏଥିରେ ସନ୍ଦେହ ନାହିଁ। ମହାପ୍ରଭୁ ସାରା ବିଶ୍ୱର କଲ୍ୟାଣ କରନ୍ତୁ ଓ ମାର୍ଗଦର୍ଶକ ଭାବେ ବିଶ୍ୱବାସୀଙ୍କୁ ରକ୍ଷା କରନ୍ତୁ, ଏହା ହିଁ ତାଙ୍କ ନିକଟରେ କାମନା କରିଛି।



ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଦର୍ଶନ ବ୍ୟବସ୍ଥାର ସମୀକ୍ଷା କରୁଛନ୍ତି।



ଦର୍ଶନ ପାଇଁ ଆସିଥିବା ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କୁ ସେବାୟତଙ୍କ ପକ୍ଷରୁ ମହାପ୍ରଭୁଙ୍କ ପଟ୍ଟଚିତ୍ର ଦିଆଯାଉଛି।

## ଦର୍ଶନରେ ଆତ୍ମତୃପ୍ତି ମିଳିଲା

**ପୁରୀ ଅଫିସ, ୩।୧:** ଶ୍ରୀମନ୍ଦିରରେ ରବିବାରଠାରୁ ସର୍ବସାଧାରଣ ଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଭିନ୍ନ ସ୍ଥାନରୁ ଶହ ଶହ ଭକ୍ତ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆଶୀର୍ବାଦ କାମନା କରିଛନ୍ତି। ଏହି ଅବସରରେ କେତେଜଣ ଭକ୍ତ ନିଜ ଅନୁଭୂତି ବର୍ଣ୍ଣନା କରିଛନ୍ତି। ଏହି ଦର୍ଶନରୁ ଆତ୍ମତୃପ୍ତି ପାଇଥିବା ସେମାନେ କହିଛନ୍ତି।

### ଏବେ ମନ ହାଲୁକା ଲାଗୁଛି



ପୁରୀରେ ଜଗନ୍ନାଥ ଯେମିତି ଅସ୍ଥିମଜ୍ଜାଗତ ହୋଇ ରହିଯାଇଛନ୍ତି। ସେଥିପାଇଁ ସମୟ ସମୟରେ ପୁରୀକୁ ଖୋଜେ। ହେଲେ ଏଇ କରୋନା ବିପତ୍ତି ସେ ସୁଯୋଗ ଦୀର୍ଘଦିନ ଧରି ଛଡ଼ାଇ ନେଇଥିଲା। ଏବେ କିନ୍ତୁ ମହାପ୍ରଭୁଙ୍କ ଦର୍ଶନ ପରେ ମନ ହାଲୁକା ଲାଗୁଛି। ଦର୍ଶନ ବ୍ୟବସ୍ଥା ବହୁତ ଭଲ ଥିଲା। ପୂର୍ବରୁ ଅନେକ ଥର ଶ୍ରୀମନ୍ଦିର ଆସିଛି, ମାତ୍ର ଏତେ ବ୍ୟବସ୍ଥିତ ଢ଼ଙ୍ଗରେ ଦର୍ଶନ କେବେ ହୋଇନି। ଏଇ ଅନୁଭୂତି ଜୀବନର ଏକ ସ୍ମୃତି ହୋଇ ବଞ୍ଚିବ। ମହାପ୍ରଭୁଙ୍କୁ କିଛି ମାଗିନି। ମୁଠେ ଅବଢ଼ା ଖାଇବା ପାଇଁ ସୁଯୋଗ ମିଳିଲା, ଏତକ ଆତ୍ମତୃପ୍ତି କମ୍ ବଡ଼ କଥା ନୁହେଁ। ପ୍ରଶାସନ ଓ ସେବାୟତଙ୍କ ବ୍ୟବହାର ଖୁବ୍ ଭଲ ଥିଲା। ମହାପ୍ରଭୁ ସମସ୍ତଙ୍କୁ ଭଲରେ ରଖନ୍ତୁ। ଜୟ ଜଗନ୍ନାଥ।

- ସ୍ୱୟଂ ସମ୍ବିତ୍ ଜେନା, ଭୁବନେଶ୍ୱର

### ଆତ୍ମସନ୍ତୋଷ ମିଳିଲା



ପରିବାର ସହ ଜଗନ୍ନାଥ ଦର୍ଶନ କରି ଆତ୍ମସନ୍ତୋଷ ମିଳିଲା। ସେ ମୁଖମଣ୍ଡଳକୁ ଦେଖିବାରୁ ଭୋକଶୋଷ ସବୁ ଭୁଲିଗଲି। ଜୀବନର ଅନେକ ଅବସୋସର ଅନ୍ତ ଏଇଠି ଘଟେ। ସବୁ ଦୁଃଖ ଓ ହତାଶାପଣକୁ ମହାପ୍ରଭୁଙ୍କ ଆଗରେ ବଖାଣିବାର ସୁଯୋଗ ପାଇ ନିଜକୁ ଧନ୍ୟ ମନେ କଲି। କରୋନା କଟକଣା ମଧ୍ୟରେ ପ୍ରଶାସନ କୋଭିଡ୍ ନେଗେଟିଭ୍ ରିପୋର୍ଟକୁ ବାଧ୍ୟତାମୂଳକ କରିବା ପରେ ପ୍ରଥମେ କରୋନା ଟେଷ୍ଟ କରାଇବା ପାଇଁ ଯାଇଥିଲି। ନେଗେଟିଭ୍ ବୋଲି ଜାଣିବା ପରେ ଖୁସିର ସୀମା ରହି ନ ଥିଲା। ଏବେ ଦର୍ଶନ କରି ମୋର ମହାପ୍ରଭୁଙ୍କୁ ଦର୍ଶନ ଇଚ୍ଛା ପୂରଣ ହେଲା। ଅନୁଭୂତି ବଖାଣିବାକୁ ମୁଁ କିଏ, ମୋ' ଭିତରେ ତାଙ୍କ ପ୍ରତି ଥିବା ଭକ୍ତି ସେ ହିଁ ସୃଷ୍ଟି କରିଛନ୍ତି। ଯାହା ଅନୁଭବ କଲି ସବୁ ତାଙ୍କର ଇଚ୍ଛାରେ। ମୋ ପରିବାରକୁ ସୁଖରେ ରଖନ୍ତୁ ବୋଲି ମଣିମାଙ୍କୁ ଜଣାଇ ଫେରୁଛି। ସେ କେବେ କାହାରିକୁ ନିରାଶ କରିନାହାନ୍ତି, ମୋତେ ମଧ୍ୟ କରିବେ ନାହିଁ।

- ଶୁଭଶ୍ରୀ ଦାସ, ଭୁବନେଶ୍ୱର

### ସବୁ ଦୁଃଖ ଏଇଠି ହିଁ କହିହୁଏ



ମୁଁ ପରିବାର ସହ ଦର୍ଶନ କଲି। ମୋ ଜୀବନର ଏହା ଏକ ନିଆରା ଅନୁଭୂତି। ଜୀବନ ଜଞ୍ଜାଳ ଅନେକ କଥା ସହିବାକୁ ବାଧ କରେ। ସେ ଦୁଃଖ କଷ୍ଟ ଏଇଠି ହିଁ କହିହୁଏ। ଆଜି ମହାପ୍ରଭୁଙ୍କୁ ମନର ସବୁ କଷ୍ଟ ଜଣାଇଛି। ଦୀର୍ଘଦିନ ପରେ ଦର୍ଶନ କରି ନିଜକୁ ଭାଗ୍ୟବତୀ ମନେ କରୁଛି। କେତେ ଅପୂର୍ବ ସେ ଦର୍ଶନ ତାହା ଶବ୍ଦରେ ବର୍ଣ୍ଣନା କରି ହେବନାହିଁ। ବଡ଼ଠାକୁର ଓ ଜଗନ୍ନାଥଙ୍କୁ ଦେଖିବା ପରେ ମୁଁ କିଛି ସମୟ ପର୍ଯ୍ୟନ୍ତ ତାଙ୍କରି ଭିତରେ ଲୀନ ହୋଇ ଯାଇଥିଲି। ସାଂସାରିକ ମୋହ ମାୟା ତୁଚ୍ଛ ଲାଗିଥିଲା। ପୁରୀରେ ଏଭଳି ଖୋଲା ଦର୍ଶନ ମିଳିବା କଷ୍ଟ। ପ୍ରଶାସନ ଭଲ ବ୍ୟବସ୍ଥା କରିଛି। ଅବଢ଼ା ଶ୍ରୀମନ୍ଦିର ଭିତରେ ଖାଇ ହେବନି ବୋଲି ଜାଣି ନ ଥିଲି। ଆନନ୍ଦବଜାରରେ ଅବଢ଼ା ଖାଇବାକୁ ଭାରି ମନ ଥିଲା। ହେଲେ କ'ଣ କରିବା, ପ୍ରଶାସନ ନିଷ୍ପତ୍ତିକୁ ମାନିବାକୁ ପଡ଼ିବ। ସାଙ୍ଗରେ ଅବଢ଼ା ନେଇ ଯାଉଛି, ହୋଟେଲରେ ସପରିବାର ଏକାଠି ବସି ଖାଇବୁ।

- ସାରଳା ଶତପଥୀ, ଯାଜପୁର

### ଆଜିର ଦିନ ମନେ ରହିବ



ଆଜି ଦର୍ଶନ ଭଲ ଥିଲା। ଶ୍ରୀମନ୍ଦିର ବହୁତ ଦିନ ତଳେ ଆସିଥିଲି। ଶ୍ରୀମନ୍ଦିର ଭିତର ଖାଲି ଖାଲି ଲାଗୁଥିଲା। ଲୋକ କମ୍ ଥିବାରୁ ଖୋଲା ଦର୍ଶନ ହେଲା। ଭୁବନେଶ୍ୱରରେ କର୍ମଜୀବୀ ଭାବେ ରହିବା ପରଠୁ ମନ ହାଲକା କରିବା ପାଇଁ ଏଠିକି ଆସିଥିଲି। ଯାହା ଭାବୁଥିଲି ଠିକ୍ ସେମିତି ହିଁ ହେଲା। ମନ ହାଲୁକା ହେଲା। ଅବଢ଼ା ବି ଖାଇଲି। ଶେଷ ଥର ପାଇଁ ବହୁତ ବର୍ଷ ତଳେ ଅବଢ଼ା ଖାଇଥିଲି। ଆଜିର ଦିନଟି ମନେ ରହିବ।

- ସ୍ୱର୍ଣ୍ଣପ୍ରଭା ଶତପଥୀ, ଢେଙ୍କାନାଳ

## ପଥରଡିହ ଘରପୋଡ଼ି ଘଟଣା, ୩ ଗିରଫ

**ଡେଲାଙ୍ଗ,୩।୧(ଡି.ଏନ୍.ଏ.):** ଡେଲାଙ୍ଗ ଥାନା ଅଧୀନ ପଥରଡିହ ଗ୍ରାମରେ ଜମିବାଡି ବିବାଦକୁ କେନ୍ଦ୍ରକରି ଘରପୋଡି ଦେଇଥିବା ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ଶିବୁନା ସ୍ୱାଇଁ, ତାଙ୍କ ମାଆ କାଳିକା ଓ ସହଯୋଗୀ ଟାଙ୍ଗୀ ବଂସର ଗ୍ରାମର ସଞ୍ଜୟ ପାଇକରାୟ। ସୂଚନା ଥାଉକି ପଥରଡିହ ଗ୍ରାମର ବିଶ୍ୱନାଥ ସ୍ୱାଇଁ ଓ ଶିବୁନାଙ୍କ ପରିବାର ମଧ୍ୟରେ ଜମିବାଡିକୁ ନେଇ ଗତ ୨ତାରିଖ ସକାଳେ ଶିବୁନା, ତାଙ୍କ ମାଆ ଓ ସହଯୋଗୀ ସଞ୍ଜୟ ମିଶି ମାରଣାସ୍ତ୍ର ଧରି ବିଶ୍ୱନାଥଙ୍କ ଘରେ ପଶି ଗାଳିଗୁଲଜ କରିଥିଲେ। ଏଥିରେ ବିଶ୍ୱନାଥଙ୍କ ଝିଅ ବିରୋଧ କରିବାରୁ ତାଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ବିଶ୍ୱନାଥ ଥାନାର ଦ୍ୱାରସ୍ଥ ହେବାରୁ ଶିବୁନା ପରିବାର ଉତ୍ୟକ୍ତ ହୋଇ ତାଙ୍କ ଘରେ ନିଆଁ ଲଗାଇଦେଇଥିଲେ। ବିଶ୍ୱନାଥ ହରିରାଜପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ କେସ ନଂ ୧/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ପଚରାଉଚରା କରି ଗିରଫ କରିଥିଲା।

## ଜୀ ସାର୍ଥକର ସାରେଗାମାପା ଶୋ'ର ଶୁଭାରମ୍ଭ

**ପୁରୀ ଅଫିସ,୩।୧:** ଜୀ ସାର୍ଥକର ସାରେଗାମାପା– ସ୍ୱରର ମହାମଞ୍ଚ ରିୟଲିଟି ଶୋ'ର ଶୁଭାରମ୍ଭ ରବିବାର ପୁରୀସ୍ଥିତ ଏକ ଘରୋଇ ହୋଟେଲରେ ହୋଇଛି। ଶୁଦ୍ଧ ସଙ୍ଗୀତ ପରିବେଷଣ ଓ ରାଜ୍ୟର କୋଣ ଅନୁକୋଣରେ ଥିବା ପ୍ରତିଭାମାନଙ୍କୁ ଚିହ୍ନଟ କରିବାରେ ଏହି କାର୍ଯ୍ୟକ୍ରମ ବେଶ୍ ସହାୟକ ହେବ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି। ଏଥିରେ ୩୫ଶହରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଜାନୁଆରୀ ୯ରୁ ପ୍ରତି ଶନିବାର ଓ ରବିବାର ଏହି ଶୋ' ପ୍ରସାରଣ ହେବ। ବିଚାରକ ଦାୟିତ୍ୱରେ କଣ୍ଠଶିଳ୍ପୀ ଗୁଡ୍‌ଲି ରଥ, ଅସୀମା ପଣ୍ଡା, ଦୀପ୍ତିରେଖା, କ୍ରିଷ୍ଣ ବେଉରା ପ୍ରମୁଖ ରହିଛନ୍ତି। ଏ ନେଇ ରବିବାର ଶିଳ୍ପୀ ସୁଦାମ ପ୍ରଧାନ ବାଲୁକା କଳା ପ୍ରଦର୍ଶନ କରିଥିଲେ।

## ସ୍ୱଚ୍ଛତା ଶିକ୍ଷା ଅଭିଯାନ

**କୋଣାର୍କ,୩।୧(ଡି.ଏନ୍.ଏ.)**

କୋଣାର୍କ ଥାନା ଅଧୀନ କାଦୁଆନୂଆଗାଁ ପଞ୍ଚାୟତର ଧନିତ୍ରୀଗ୍ରାମ କ୍ଲବ ପଡିଆରେ ନାବାର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ସହାୟତାରେ କୋଣାର୍କର ସାମାଜିକ ସଂଗଠନ ନାଟ୍ୟଦୀପ ଆନୁକୂଲ୍ୟରେ ଦିନିକିଆ ସ୍ୱଚ୍ଛତା ଶିକ୍ଷା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଭାଗୀରଥି ସ୍ୱାଇଁଙ୍କ ସଭାପତିତ୍ୱରେ ପୁରୀ ଜିଲା ନାବାର୍ଡର ଡିଡିଏମ ରାଜେନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପ୍ରତି ପରିବାର ନିଜ ଘର ପରିସର ପ୍ରଥମେ ସ୍ୱଚ୍ଛ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କୁ ସ୍ୱଚ୍ଛତା ଉପରେ ତାଲିମ ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନ ନାଟ୍ୟଦୀପର ସଭାପତି କାଳନ୍ଦୀଚରଣ ସାଇଁ କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଏଥିରେ ଧନିତ୍ରୀ ଗ୍ରାମ୍ୟ ମୁଖ୍ୟ ମହେଶ୍ୱର ଜେନା, ଅଙ୍ଗନୱାଡି କର୍ମୀ ଲଳିତା ଦେଇ, ୱାର୍ଡ ସଭ୍ୟା ଚାରୁଲତା ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନାବାର୍ଡ ପକ୍ଷରୁ ସ୍ୱଚ୍ଛତା ସମ୍ବନ୍ଧରେ ଏକ ପ୍ରାମାଣିକ ଚିତ୍ର ଭିଡିଓ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଶେଷରେ ଅନୁଷ୍ଠାନର ସମ୍ପାଦକ ନିତ୍ୟାନନ୍ଦ ମହାରଣା ଧନ୍ୟବାଦ ଦେଇଥିଲେ।

## ଆବର୍ଜନାରେ ପୋତିହେବାକୁ ବସିଛି କେନାଲ

**କଣାସ, ୩।୧(ସ୍ୱ.ପ୍ର)**

କଣାସ ବ୍ଲକର କଣାସ କେନାଲ ଏବେ ଅଳିଆ ଆବର୍ଜନାରେ ପୋତିହେବାକୁ ବସିଲାଣି। ସ୍ଥାନୀୟ ବାସିନ୍ଦାଙ୍କ ସମେତ କଣାସ ହାଟର ବେପାରୀମାନେ ନିକଟସ୍ଥ ଏହି କେନାଲରେ ପଚାସଢ଼ା ପନିପରିବା ଓ ନାନା ପ୍ରକାର ଆବର୍ଜନା ପକାଉଛନ୍ତି। ଫଳରେ ଦୁର୍ଗନ୍ଧ ହେବା ସହ ମଶାବଂଶ ବୃଦ୍ଧି ପାଉଛି। ଅଳିଆ ଆବର୍ଜନା ସଫେଇ କରାଯାଉ ନ ଥିବାରୁ ତାହା ଦୀର୍ଘଦିନ ଧରି ପଡ଼ିରହି କେନାଲ ପୋତି ହେବାକୁ ବସିଛି। ଚାଷୀଙ୍କ ଜମିକୁ ଜଳ ଯୋଗାଇ ଦେବାକୁ ଜଳସେଚନ ବିଭାଗ ପକ୍ଷରୁ ଏହି କେନାଲ ନିର୍ମାଣ କରାଯାଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଏହା ଏବେ ଏକପ୍ରକାର ଡଷ୍ଟବିନ୍ ପାଲଟିଲାଣି। ଏ ସମ୍ପର୍କରେ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କୁ ପଚାରିବାରେ କହିଛନ୍ତି, ସ୍ଥାନୀୟ ସରପଞ୍ଚଙ୍କ ସହ ଆଲୋଚନା କରିଛି। ବ୍ୟବସାୟୀମାନଙ୍କୁ ମଧ୍ୟ ଏ ନେଇ ତାଗିଦ୍ କରାଯାଇଛି। ତେବେ ଅନେକେ ଏହାକୁ ମାନୁନାହାନ୍ତି। ତେଣୁ ଆଗାମୀ ଦିନରେ କଡ଼ା ପଦକ୍ଷେପ ନିଆଯିବ। ସେହିପରି କଣାସ ଜଳସେଚନ ବିଭାଗ କାର୍ଯ୍ୟାଳୟ ନିକଟ ବେଣାଗାଁ ମାଇନର କେନାଲ ମଧ୍ୟ ଆବର୍ଜନାରେ ପୂରିଯିବାକୁ ବସିଲାଣି।



କେନାଲରେ ଆବର୍ଜନା ପଡ଼ିଛି।